## ସଂକ୍ଷେପରେ

### ଆକ୍ରମଣ ମାମଲାରେ ୨ କୋର୍ଟଚାଲାଣ



**ପାଣିକୋଇଲି,୪।୯(ବିକାଶ ମଲ୍ଲିକ):**

ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ପାଟସାହି ଗ୍ରାମରେ ଛେଳି ଫସଲ ଖାଇଦେବାକୁ ନେଇ ୨ ପରିବାର ମଧ୍ୟରେ ମାରପିଟ ହୋଇଛି। ଏହି ଘଟଣାରେ ପୋଲିସ ଉଭୟ ପକ୍ଷରୁ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ରାଜୁ ମୁଣ୍ଡା (୩୬) ଓ କୁନା ମୁଣ୍ଡା (୪୦)।

ରାଜୁଙ୍କ ଛେଳି କୁନାଙ୍କ ବିଲରେ ପଶି ଫସଲ ନଷ୍ଟ କରୁଥିବାରୁ କୁନାଙ୍କ ନାବାଳକ ପୁଅ ଅର୍ଜୁନ ଏହାକୁ ବିରୋଧ କରିଥିଲେ। ଫଳରେ ରାଜୁ ଓ ତାଙ୍କ ସ୍ତ୍ରୀ ଟେରି ଅର୍ଜୁନଙ୍କ ମୁଣ୍ଡକୁ ଲୁହା ରଡ୍‌ରେ ପିଟି ଫଟାଇ ଦେଇଥିଲେ। ଅର୍ଜୁନଙ୍କ ମାଉସୀ ସବିତା ବିରୋଧ କରିବାରୁ ରାଜୁ ସବିତାଙ୍କୁ ମଧ୍ୟ ଲୁହାରଡ୍‌ରେ ଆକ୍ରମଣ କରି ତାଙ୍କ ହାତ ଭାଙ୍ଗି ଦେଇଥିଲେ। ଏନେଇ ସବିତା ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ନଂ.୨୩୨/୨୩ ରୁଜୁ କରିଥିଲା। ସେହିପରି ରାଜୁଙ୍କ ସ୍ତ୍ରୀ ଟେରି ମଧ୍ୟ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ ଏକ ମାମଲା ନଂ.୨୩୩/୨୩ ରୁଜୁ ହୋଇଛି ବୋଲି ତଦନ୍ତାଧିକାରୀ ଏଏସ୍‌ଆଇ ସୁଜିତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

### କାରଖାନାରେ କାମ କରିବାବେଳେ ଶ୍ରମିକ ଆହତ

**କଳିଙ୍ଗନଗର,୪।୯(ଶୁଭାଶିଷ ରାଉତ):**

ନୀଳାଚଳ ଇସ୍ପାତ ନିଗମ ପ୍ରକଳ୍ପର ମେସର୍ସ ଆଇଆର୍‌ଆଇଏସଇର ଜଣେ ଠିକା କର୍ମଚାରୀ କାରଖାନାରେ କାମ କରୁଥିବାବେଳେ ଆହତ ହୋଇଛନ୍ତି। ସେ ହେଲେ ତୌଫିକୁଲ ହୁସେନ। ରବିବାର ରାତିରେ ସେ କାମ କରୁଥିବା ବେଳେ ତାଙ୍କ ଡାହାଣ ଗୋଡ଼ରେ ଆଘାତ ଲାଗିଥିଲା। ତାଙ୍କୁ ସଙ୍ଗେସଙ୍ଗେ ଟାଟା ମେଡିକା ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ସେ ଏବେ ଚିକିତ୍ସାଧୀନ ଅଛନ୍ତି। ତାଙ୍କୁ ବିପଦମୁକ୍ତ ଘୋଷଣା କରାଯାଇଛି। ଦୁର୍ଘଟଣାକୁ ନେଇ କୌଣସି ଅଭିଯୋଗ ହୋଇନାହିଁ ବୋଲି ସ୍ଥାନୀୟ ଥାନା ଅଧିକାରୀ କହିଛନ୍ତି। ଘଟଣାର ମୂଳକାରଣ ଜାଣିବା ଏବଂ ପୁନରାବୃତ୍ତିକୁ ରୋକିବା ପାଇଁ ଏକ ଆଭ୍ୟନ୍ତରୀଣ ତଦନ୍ତ ଆରମ୍ଭ ହୋଇଛି। ଏକ ଦାୟିତ୍ୱବାନ କର୍ପୋରେଟ ଭାବରେ କମ୍ପାନୀ କର୍ମଚାରୀ ଏବଂ ଅନ୍ୟ ସମସ୍ତ ଅଂଶୀଦାରଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କାରଖାନା ପକ୍ଷରୁ କୁହାଯାଇଛି।

# ବେଆଇନ ପାଚେରି ନିର୍ମାଣକୁ ବିରୋଧ

**ବାଲିଚନ୍ଦ୍ରପୁର,୪।୯(ଗିରିଜା ପ୍ରସାଦ ସାହୁ):**

ବଡ଼ଚଣା ବ୍ଲକରେ ବେଆଇନଭାବେ ଗୋଟିଏ ବିଭାଗ ଅନ୍ୟ ୨ ବିଭାଗ ଜମିକୁ ଦଖଲ କରି ନିର୍ମାଣ କାର୍ଯ୍ୟ କରୁଛି। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଗ୍ରାମବାସୀ ଏହାକୁ ବିରୋଧ କରିବା ସହ ସମାଧାନ ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି।

ଗ୍ରାମବାସୀଙ୍କ କହିବା ମୁତାବକ, ଏହି ବ୍ଲକ ବାଲିଚନ୍ଦ୍ରପୁର ପଞ୍ଚାୟତସ୍ଥିତ ବାଲିଚନ୍ଦ୍ରପୁର ମୌଜାର ଖାତା ନଂ.୫୫୬ରେ ଥିବା ପ୍ଲଟ ନମ୍ବର ୭୦୧ ଉପରେ ମିଶନ ଶକ୍ତି ନାମରେ ପ୍ରାୟ ୬୫ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଗୃହ ନିର୍ମାଣ ହୋଇଛି। ଖାତା ନଂ. ୫୫୬ ଶକ୍ତି ବିଭାଗ ଓ ଜଳସମ୍ପଦ ବିଭାଗ ନାମରେ ରହିଥିବାବେଳେ ସେହି ଖାତାର ୭୦୧ ପ୍ଲଟ ପତିତ ଥିବା ସରକାରୀ ରେକର୍ଡ କହୁଛି। ଏବେ ଏହାର ପାଚେରି ନିର୍ମାଣ ପାଇଁ ୮ ଲକ୍ଷ ୫୦ ହଜାର ଟଙ୍କା ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଇ ବିଭାଗ ତରଫରୁ ମଞ୍ଜୁର ହୋଇ ବ୍ଲକ ପ୍ରଶାସନ ମାଧ୍ୟମରେ କାର୍ଯ୍ୟ କରାଯାଉଛି। ଯାହାର କାର୍ଯ୍ୟାଦେଶ ଜଣେ ଯନ୍ତ୍ରୀଙ୍କ ନାମରେ ରହିଛି। ଏହି କାର୍ଯ୍ୟକୁ ବ୍ଲକ୍‌ର ଯନ୍ତ୍ରୀ ସଞ୍ଜୟ ମିଞ୍ଜ ଲେଆଉଟ ଦେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ତେବେ ୭୦୧ ପ୍ଲଟ ପରିବର୍ତ୍ତେ ବର୍ତ୍ତମାନ ୭୦୨ ପ୍ଲଟ ଉପରେ ପାଚେରି ନିର୍ମାଣ ପାଇଁ ଯନ୍ତ୍ରୀ ମିଞ୍ଜ ସପ୍ତାହତଳେ ଲେଆଉଟ ଦେଇଛନ୍ତି ବୋଲି କହିଛନ୍ତି। ହେଲେ ଉକ୍ତ ସ୍ଥାନରେ ଥିବା ପୁରୁଣା ଗଛକୁ କଟାଯିବା ସମ୍ପର୍କରେ କିଛି ଜାଣିନାହାନ୍ତି ବୋଲି ପ୍ରକାଶ କରିଛନ୍ତି।



ପାଚେରି ନିର୍ମାଣ ପାଇଁ ଗଛ କଟାଯାଇଛି।

ଏଠାରେ ପ୍ରଶ୍ନ ଉଠେ ସମ୍ପୃକ୍ତ ଖାତାର ପ୍ଲଟଗୁଡ଼ିକ ଅନ୍ୟ ବିଭାଗ ନାମରେ ଥିବାବେଳେ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ କିପରି ଉକ୍ତ ସ୍ଥାନରେ ଟଙ୍କା ଖର୍ଚ୍ଚ କରୁଛି। ବିଡିଓ ରବୀନ୍ଦ୍ରନାଥ ପ୍ରଧାନ ଯୋଗଦେବା ପରଠାରୁ ଯେଉଁ ସ୍ଥାନରେ ବ୍ଲକ ପ୍ରଶାସନ ଉନ୍ନୟନମୂଳକ କାର୍ଯ୍ୟ କରିବ ଉକ୍ତ ଜମିର ସ୍କେଚମ୍ୟାପ ସମ୍ପୃକ୍ତ ମୌଜାର ଆରଆଇମାନେ ପ୍ରଦାନ କରିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଏଠାରେ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ପାରୁନାହିଁ। ଏ ସବୁକୁ ଅଣଦେଖା କରାଯାଇ କାର୍ଯ୍ୟ କରାଯାଉଛି। ଏ ସମ୍ପର୍କରେ ବିଡିଓ ପ୍ରଧାନଙ୍କୁ ପଚାରିବାରେ ଅଭିଯୋଗ ପାଇଥିବା ସ୍ୱୀକାର କରିଛନ୍ତି। ଏଥିସହିତ ସେ ତହସିଲଦାରଙ୍କୁ ସାଥିରେ ନେଇ ତଦନ୍ତ କରିବେ ବୋଲି କହିଛନ୍ତି। ତେବେ ତଦନ୍ତ ଠିକ୍ ମାର୍ଗରେ ହେଉଛି ନାଁ ବାଟବଣା ହେଉଛି ତାହା ଦେଖିବାକୁ ବାକି ରହିଲା।

# ବ୍ୟାସନଗର ପୌରାଞ୍ଚଳ ରାସ୍ତା ପାଇଁ ୨୭ କୋଟି ମଞ୍ଜୁର

**ଯାଜପୁରରୋଡ୍,୪।୯ (ପବିତ୍ର ରଞ୍ଜନ ମହାନ୍ତି):**

୫-ଟି ସଚିବ ଭି.କେ. ପାଣ୍ଡିଆନ ଯାଜପୁର ଗସ୍ତରେ ଆସି ବ୍ୟାସନଗର ଚାନ୍ଦମା ପଡ଼ିଆରେ ଅନୁଷ୍ଠିତ ସଭାରେ ଯୋଗଦେଇ କୋରେଇ ନିର୍ବାଚନମଣ୍ଡଳୀ ପାଇଁ ବିଭିନ୍ନ ପ୍ରକଳ୍ପ ଘୋଷଣା କରିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ୟାସନଗର ପୌରାଞ୍ଚଳର ସମସ୍ତ ରାସ୍ତା ଉନ୍ନତୀକରଣ ପାଇଁ ୨୭ କୋଟି ଟଙ୍କା ମଞ୍ଜୁର କରିଥିବା ଟୁଇଟ୍ ଯୋଗେ ଜଣାଇଛନ୍ତି। ଏକଥା ଜାଣିବା ପରେ ବ୍ୟାସନଗରବାସୀ ଖୁସି ଜାହିର କରିବା ସହିତ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ କହିଛନ୍ତି, ଏଭଳି ଘୋଷଣା ନିଶ୍ଚିତଭାବେ ବ୍ୟାସନଗର ପାଇଁ ଏହା ଖୁସିର ବିଷୟ। ଏହାଦ୍ୱାରା ବ୍ୟାସନଗର ସହରର ବିଭିନ୍ନ କଚ୍ଚା ରାସ୍ତାକୁ ଉନ୍ନତ ରାସ୍ତାରେ ପରିଣତ କରାଯିବ। ବ୍ୟାସନଗର ରାଜ୍ୟରେ ରହିଥିବା ସହର ବିକାଶ ର୍ୟାଙ୍କରେ ଆଗକୁ ପାଦ ବଢ଼ାଇବାରେ ସକ୍ଷମ ହୋଇପାରିବ। ଆଗାମୀ ଦିନରେ ବ୍ୟାସନଗର ପାଇଁ ଅନେକ ପ୍ରକଳ୍ପ ଆସୁଥିବା ସେ କହିବା ସହିତ ଏନେଇ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ସଚିବଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ପ୍ରକଳ୍ପ ମଞ୍ଜୁରୀ ନେଇ ବ୍ୟାସନଗର ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ମହେଶ ଧଳ କହିଛନ୍ତି, ବିରୋଧୀ ବିରୋଧ କରିବେ। ନବୀନ ବିକାଶର ମଙ୍ଗ ଧରିଛନ୍ତି। ବିକାଶ ଧାରା ବ୍ୟାସନଗରରେ ବଜାୟ ରହିବ। ବ୍ୟାସନଗର ପାଇଁ କେବଳ ୨୭ କୋଟି ନୁହେଁ ଅଗାମୀ ଦିନରେ ବ୍ୟାସନଗରର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଅଧିକ ଅର୍ଥ ମଞ୍ଜୁର ହେବ। ପ୍ରାରମ୍ଭିକଭାବେ ବ୍ୟାସନଗର କଲେଜ ନିମନ୍ତେ ୨.୫୦ କୋଟି ଏବଂ ପୁରାଣ ପ୍ରସିଦ୍ଧ ବ୍ୟାସ ସରୋବର ପାଇଁ ଯାଜପୁର ବିଧାୟକ ଏବଂ କୋରେଇ ବିଧାୟକ ଅଶୋକ ବଳଙ୍କ ଉଦ୍ୟମରେ ୬୪ କୋଟି ଅନୁଦାନ ଆସିଛି। ଅଗାମୀ ଦିନରେ ଅଧିକ ଅନୁଦାନ ଆସିବା ସହିତ ବ୍ୟାସନଗର ଏକ ମାଇଲଖୁଣ୍ଟ ହେବ। ଏହା ଅନ୍ୟ ସହର ପାଇଁ ଆଦର୍ଶ ପାଲଟିବ। ବିଜୁ ଜନତା ଦଳ ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ବ୍ୟାସନଗରବାସୀଙ୍କ ଭରସା ରହିଛି। ଯାହା ଆଗାମୀ ଦିନରେ ପ୍ରତିଫଳିତ ହେବ ବୋଲି ସେ ପ୍ରକାଶ କରିଛନ୍ତି।

# ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ




ବ୍ଲକ୍ ଛାତ୍ର କଂଗ୍ରେସ ପକ୍ଷରୁ ବାବା ଭୈରବାନନ୍ଦ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଚଣ୍ଡିଖୋଲ,୪।୯(ପ୍ରଦୀପ୍ତ କୁମାର ପୃଷ୍ଟି):**

ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର୍ ନୱାଜଙ୍କ ଆହ୍ୱାନକ୍ରମେ ଓଡ଼ିଶାର ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଆନ୍ଦୋଳନ କରାଯାଇଛି। ଏହିକ୍ରମରେ ସୋମବାର ଯାଜପୁର ଜିଲା ବଡ଼ଚଣା ବ୍ଲକରେ ବ୍ଲକ୍ ଛାତ୍ର କଂଗ୍ରେସ ସଭାପତି କମରୁଜ ଖାଁଙ୍କ ନେତୃତ୍ୱରେ ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଛାତ୍ର ସଂସଦ ନିର୍ବାଚନ, ମହାବିଦ୍ୟାଳୟଗୁଡ଼ିକରେ ଅଧ୍ୟାପକ ନିଯୁକ୍ତି ଓ ଚଣ୍ଡିଖୋଲ କଲେଜରେ ଦଳୀୟ ସଭା କରିବା ନେଇ ଅଭିଯୋଗ ଆଣି ଛାତ୍ର କଂଗ୍ରେସ କର୍ମକର୍ତ୍ତା ଏହି ବିକ୍ଷୋଭ କରିଛନ୍ତି। ଜିଲା ଛାତ୍ର ସଭାପତି ସଞ୍ଜୀବ ସାମଲ, ଯୁବସଭାପତି ଜୟପ୍ରକାଶ ବିଶ୍ୱାଳ, ଜିଲା ଯୁବ ସମ୍ପାଦକ ସତ୍ୟବ୍ରତ ସାମଲ, ସଞ୍ଜୟ କୁମାର ବଳ, ଭାଗ୍ୟଧର ଜେନା, ସେକ୍ ଅବୁ, ଚିକୁନ ମହାରଣା, ଆଶୁତୋଷ ଦାସ, ସେକ୍ ଅରମାନ, ଉପସଭାପତି ସମୀର ସାହୁ, ଶ୍ରୀକାନ୍ତ ନାୟକ, ସମ୍ପାଦକ ସନାତନ ଜେନା ଓ ପ୍ରଭାତ କୁମାର ସାହୁଙ୍କ ସମେତ ଅନେକ ଛାତ୍ର ନେତା ବିକ୍ଷୋଭରେ ସାମିଲ ହେବାସହ ଅଧ୍ୟକ୍ଷ ମନୋଜ କୁମାର ଦାସଙ୍କୁ ଭେଟି ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ କରିବା, ଅଣଛାତ୍ର ଅବାଧ ପ୍ରବେଶ ନିଷେଧ କରିବା ଓ ମହାବିଦ୍ୟାଳୟରେ ଶାସକ ଦଳର ରାଜନୈତିକ ବୈଠକ ବନ୍ଦ କରିବାକୁ ଆଲୋଚନା କରିଛନ୍ତି।

### ଗୋକର୍ଣ୍ଣିକା ସମ୍ମାନ, ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର ଘୋଷଣା

**ଧର୍ମଶାଳା,୪।୯(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ୍ ଅଧୀନ ଜାରକା ଅଞ୍ଚଳର ସାହିତ୍ୟ ଅନୁଷ୍ଠାନ ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଉତ୍କଳଚନ୍ଦ୍ର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ଜୟନ୍ତୀ ଅବସରରେ ଗୋକର୍ଣ୍ଣିକା ସମ୍ମାନ ଓ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର ପ୍ରଦାନ ଉତ୍ସବ ଆସନ୍ତା ୧୦ ତାରିଖରେ ଅନୁଷ୍ଠିତ ହେବ। ଚଳିତ ବର୍ଷ ପାଇଁ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର ଡ. କୃତ୍ତିବାସ ନାୟକ ଓ ଉପେନ୍ଦ୍ର ତ୍ରିପାଠୀ ସମ୍ମାନ ସକୁନ୍ତଳା ଦାଶ ପାଇବେ। ସେହିପରି ଗୋକର୍ଣ୍ଣିକା ପ୍ରବନ୍ଧ ସମ୍ମାନ ଡ. ରଶ୍ମିତା ତ୍ରିପାଠୀ, ଗୋକର୍ଣ୍ଣିକା ଗଳ୍ପ ସମ୍ମାନ ଅନସୂୟା ମିଶ୍ର, ଗୋକର୍ଣ୍ଣିକା ଉପନ୍ୟାସ ସମ୍ମାନ ସଂଯୁକ୍ତା ମହାନ୍ତି, ଗୋକର୍ଣ୍ଣିକା ଅନୁବାଦ ସମ୍ମାନ ନିର୍ମଳାବାଳା ମିଶ୍ର ଓ ଗୋକର୍ଣ୍ଣିକା କବିତା ସମ୍ମାନ ସନ୍ଧ୍ୟା ଘଡ଼େଇଙ୍କୁ ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଦାନ କରାଯିବ। ଉତ୍ସବରେ ଉଦ୍‌ଘାଟକ ଭାବେ ସମାଜର ସମ୍ପାଦକ ଡ. ପ୍ରମୋଦ କୁମାର ମହାପାତ୍ର, ମୁଖ୍ୟଅତିଥି ଭାବେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ଉପସଭାପତି ଡ. ସଂଗ୍ରାମ ଜେନା, ପ୍ରାବନ୍ଧିକ ଡ. ନାରାୟଣ ପଣ୍ଡା ଓ ଆଲୋଚକଭାବେ ଡ. ଗୌତମ ଜେନା ଯୋଗଦେବେ ବୋଲି ଅନୁଷ୍ଠାନ ସଭାପତି ରମାକାନ୍ତ ଜେନା ଏବଂ ସମ୍ପାଦକ ମହେଶ୍ୱର ପାଢ଼ୀ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

# ମାଗଣା ସ୍ୱାସ୍ଥ୍ୟସେବା ଶିବିର



ଶିବିରରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

**ବରୀ,୪।୯(ମହେନ୍ଦ୍ର ସ୍ୱାଇଁ):**

ବରୀ ବ୍ଲକ୍ ଅଧୀନ ଚନ୍ଦନପୁର ପଞ୍ଚାୟତର ଶୁକଳସ୍ଥିତ ସାଇ ମନ୍ଦିର ପରିସରରେ ଦୁଇ ଦିନ ଧରି ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ଡେଙ୍ଗୁ ଓ ମ୍ୟାଲେରିଆ ନିରାକରଣ ନିମନ୍ତେ ସ୍ଥାନୀୟ ଲୋକଙ୍କୁ ସଚେତନ କରାଯାଇଛି। ଶିବିରରେ ଏଲୋପାଥି ଓ ହୋମିଓପ୍ୟାଥିକ ଡାକ୍ତରମାନଙ୍କ ସହ ଏଲ୍‌ଟିମାନେ ଉପସ୍ଥିତ ରହି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରିଥିଲେ। ଡା. ଅକ୍ଷୟ କୁମାର ଦାସ, ଡ.ସ୍ମୃତିପ୍ରଜ୍ଞା ଦାସ, ଡ. ଶାଶ୍ୱତୀ ବେହେରା ଓ ଡ. ରଶ୍ମିରଞ୍ଜନ ଜେନା ଯୋଗଦେଇ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସହ ଉତ୍ତମ ସ୍ୱାସ୍ଥ୍ୟ ଗଠନ କ୍ଷେତ୍ରରେ ଯତ୍ନବାନ ହେବା ସହିତ ଅନ୍ୟମାନଙ୍କୁ ସ୍ୱାସ୍ଥ୍ୟପ୍ରତି ଯତ୍ନବାନ ହେବାକୁ ଲୋକଙ୍କୁ ପରାମର୍ଶ ଦେଇଥିଲେ। ଚନ୍ଦନପୁର ସରପଞ୍ଚ ଚପଳା ମଲ୍ଲ, ଶିକ୍ଷାବିତ୍ ଅଶୋକ ଦାସ, ସମବାୟ ସମିତି ସଭାପତି ଅନିରୁଦ୍ଧ ମଲ୍ଲ, ଯୁବ ସାମାଜିକ କର୍ମୀ ଅଜୟ ମଲ୍ଲ, ମୁକେଶ ଘଡ଼େଇ, ପ୍ରମୋଦ ଦାସ, ମନୋଜ ମଲ୍ଲ, ଗାୟତ୍ରୀ ଭୂୟାଁ, ଅଜୟ ରଥ ଓ ମନୋଜ ଦାସ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ନାବାଳିକା ଅପହରଣ ମାମଲା : ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ବାପା

**ପାଣିକୋଇଲି,୪।୯(ବିକାଶ ମଲ୍ଲିକ):**

ନାବାଳିକା ଅପହରଣ ଘଟଣାକୁ ୨୧ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ କେବଳ ମାମଲା ରୁଜୁ କରି ଚୁପ ବସିଛି। ନାବାଳିକାଙ୍କ କୌଣସି ସନ୍ଧାନ ମିଳୁନାହିଁ। ତେଣୁ ଥାନାରୁ ନ୍ୟାୟ ଆଶା ନ ରଖି ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ବିନୀତ ଅଗ୍ରୱାଲଙ୍କୁ ଭେଟି ନ୍ୟାୟ ପ୍ରଦାନ ନିମନ୍ତେ ଅନୁରୋଧ କରିଛନ୍ତି ନାବାଳିକାଙ୍କ ବାପା କୁଆଖିଆ ଥାନା ଅନ୍ତର୍ଗତ ପରିଡ଼ାବାଦ ଗ୍ରାମର ବିଦ୍ୟୁତାନନ୍ଦ ମଲ୍ଲିକ। ତାଙ୍କ ଅଭିଯୋଗ ଅନୁସାରେ, ଗତ ମାସ ୧୪ ତାରିଖରେ ଝିଅ କଲେଜକୁ ଯାଇ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ବିଦ୍ୟୁତାନନ୍ଦଙ୍କ ମୋବାଇଲକୁ ଏକ କଲ ଆସିଥିଲା। ଉକ୍ତ କଲ ଅନୁସାରେ ବିଦ୍ୟୁତାନନ୍ଦ ଜାଣିବାକୁ ପାଇଲେ, ଏହି ଥାନା ଅନ୍ତର୍ଗତ ଚଣ୍ଡିପୁର ଗ୍ରାମର ଶିଶିର ମଲ୍ଲିକ ତାଙ୍କ ଝିଅଙ୍କୁ ଅପହରଣ କରିଛନ୍ତି। ତେଣୁ ଏ ନେଇ ସେ ଗତ ମାସ ୧୫ ତାରିଖରେ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ଥାନା ପକ୍ଷରୁ ଏକ ନିଖୋଜ ମାମଲା ନଂ.୨୮୩/୨୩ ରୁଜୁ ହୋଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ପୋଲିସ ନାବାଳିକା ଓ ଅପହରଣକାରୀରଙ୍କ ସନ୍ଧାନ ପାଇପାରୁ ନାହିଁ। ନାବାଳିକାଙ୍କୁ ଶିଶିର ନେଇ ପାଣିକୋଇଲି ଥାନା ଅନ୍ତର୍ଗତ ବଡ଼ବିରୁହାଁ ଗ୍ରାମର ବାଜିଆ ସାହିରେ ଲୁଚାଇ ରଖିଥିବା ଖବର ପାଇ ସେ ଉକ୍ତ ସ୍ଥାନକୁ ଯାଇଥିଲେ। ହେଲେ ଝିଅଙ୍କୁ ସେଠାରେ ଦେଖିବାକୁ ପାଇ ନ ଥିଲେ। ଝିଅର ଜୀବନପ୍ରତି ବିପଦ ରହିଛି। ଅଭିଯୁକ୍ତ ଶିଶିର, ତାଙ୍କ ଭାଇ ଓ ବାପା ଝିଅକୁ ମାରି ଦେବା ପାଇଁ ଯୋଜନା କରୁଛନ୍ତି ବୋଲି ଜାଣି ବିଦ୍ୟୁତାନନ୍ଦ ବାରମ୍ବାର ଥାନାକୁ ଯାଇ ଜଣାଇବା ପରେ ମଧ୍ୟ କିଛି ସୁଫଳ ପାଇନାହାନ୍ତି ବୋଲି ସେ ଏସ୍‌ପିଙ୍କୁ ଜଣାଇଛନ୍ତି। ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁଆଖିଆ ପୋଲିସକୁ ଏସ୍‌ପି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।



### ନାବାଳିକାଙ୍କ ମୃତଦେହ ଜବତ

**ପାରାଦୀପ,୪।୯(ଶରତ ରାଉତ)**

ପାରାଦୀପ ଆଦର୍ଶ ଥାନା ମୁଣ୍ଡାପଡା ବସ୍ତି ପାଖରେ ଥିବା କଂସାରୀପାଟିଆ ମତ୍ସ୍ୟଡିଆ ନଦୀରେ ରବିବାର ଜଣେ ୧୪ ବର୍ଷୀୟା ନାବାଳିକା ସ୍ରୋତରେ ଭାସି ଯାଇଥିଲେ। ସୋମବାର ସମ୍ପୃକ୍ତ ନାବାଳିକାଙ୍କ ମୃତଦେହ ଅଠରବାଙ୍କି କାଉଡିଆ ନଦୀ ବାଲିପ୍ଲଟ ପାଖରୁ ଜବତ କରାଯାଇଛି। ମୃତକ ହେଲେ ସଞ୍ଜୟ ମଲ୍ଲିକଙ୍କ କନ୍ୟା ଆରତୀ। ସେ ସାଙ୍ଗମାନଙ୍କ ସହିତ ଖୁଦୁରୁକୁଣୀ ଓଷା ଭାଲୁକା ସ୍ଥାପନ ପାଇଁ ନଦୀରୁ ମାଟି ଉଠାଇବା ବେଳେ ଭାସି ଯାଇଥିଲେ।

# ଦୁର୍ଘଟଣାରେ ବୃଦ୍ଧ ଗୁରୁତର

**ଜେନାପୁର,୪।୯(ଅଶୋକ ଦାସ):**

ଧର୍ମଶାଳା ଥାନା ଅନ୍ତର୍ଗତ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର କଣ୍ଟିଗଡିଆ ନିକଟରେ ସୋମବାର ରାତି ପ୍ରାୟ ୭ଟାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସେ ହେଲେ ପଟୁଣିଆ ପଞ୍ଚାୟତ ହାମଜାପୁର ଗ୍ରାମର ଅଭିରାମ ବସ୍ତିଆ(୬୨)। ସାଇକେଲ ଯୋଗେ ବସ୍ତିଆ ନିଜ ଘରୁ ଚଣ୍ଡିଖୋଲ ଛକ ଆଡକୁ ଯାଉଥିଲେ। ଏହି ସମୟରେ କଣ୍ଟିଗଡ଼ିଆ ଛକ ନିକଟରେ ଏକ ଗାଡ଼ି ପଛରୁ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେଠାରେ ସେ ପଡ଼ି ଗୁରୁତର ହୋଇଥିଲେ।




କବି ଜୟନ୍ତ ମହାପାତ୍ରଙ୍କ ସ୍ମୃତିସଭାରେ ଯୋଗଦେଇଥିବା ଅତିଥିମାନେ।

# ଜୟନ୍ତ ମହାପାତ୍ରଙ୍କ ସାହିତ୍ୟ କୃତି ଅତୁଳନୀୟ

**ଯାଜପୁର ରୋଡ୍,୪।୯ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ଇଂଲିଶ ସାହିତ୍ୟ ପତ୍ରିକା ରକ୍ ପେବୁଲସ୍ ମିଳିତ ଆନୁକୂଲ୍ୟରେ ସୋମବାର କବି ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ କୁଶଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କବିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହିତ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସ୍ୱାଇଁ ସ୍ୱାଗତ ଅଭିଭାଷଣ ଦେବା ସହ କବିଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ରକ୍ ପେବୁଲସ୍ ମୁଖ୍ୟ ସମ୍ପାଦକ ଉଦୟନାଥ ମାଝି, ପ୍ରାକ୍ତନ ଅଧ୍ୟକ୍ଷ ସୌରଭମୟ ଦାସ, ଶିବଚରଣ ମାଝି, ପ୍ରାକ୍ତନ ପରିଚାଳନା ପରିଷଦ ସଭ୍ୟ ସଦାଶିବ ଦାସ, ବରିଷ୍ଠ ଆଡ୍‌ଭୋକେଟ ଚନ୍ଦ୍ରଶେଖର ପଣ୍ଡା କବିଙ୍କ ସାହିତ୍ୟ କୃତି ଅତୁଳନୀୟ ଓ ଓଡ଼ିଶା ପାଇଁ ଗର୍ବ ଏବଂ ଗୌରବ ବୋଲି ମତବ୍ୟକ୍ତ କରିଥିଲେ।

ଡ. ପ୍ରଜ୍ଞାପ୍ରବର୍ତ୍ତିକା ଦାଶ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଦିଲୀପ କୁମାର ରାଉତ କବିଙ୍କ ଜୀବନୀ ଓ ସାହିତ୍ୟିକ କୃତି ଉପରେ ବ୍ୟାଖ୍ୟା କରିଥିଲେ। ପ୍ରାଧ୍ୟାପକ ସୁକାନ୍ତ ରାଉତ, ଅମୂଲ୍ୟକୃଷ୍ଣ ପାଢ଼ୀ, ଅକ୍ଷୟ କୁମାର ମହାନ୍ତି, ସନାତନ ଦାସ, ଗୋଲକ କୁମାର ମହାକୁଡ଼, ବିବେକାନନ୍ଦ ଜେନା, ଗୌରାଙ୍ଗ ଚରଣ ମଲ୍ଲିକ, ପ୍ରଶାନ୍ତ କୁମାର ସାହୁ, କ୍ୟାପଟେନ୍ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଦୀପ୍ତିମୟୀ ଦାସ, ରୀନା ରାୟ, ବଭ୍ରୁବାହାନ ଜେନା, ଜୟଶ୍ରୀ ଜେନା, ରଶ୍ମିତା ସାହୁ, ବୈଜୟନ୍ତୀମାଳା ବଳ, ମମତାମୟୀ ରାଉତ, ପ୍ରଭାସିନୀ ଗୁଇଁ, ଅତସୀ କୁସୁମ ନାୟକ, ବିଦ୍ୟାଧର ରାଉତ, ପ୍ରିୟରଞ୍ଜନ ବେହେରା, ଅଜୟ କୁମାର ପଣ୍ଡା, ଗୁରୁପ୍ରସନ୍ନ ସାହୁ, ତୃପ୍ତିମୟୀ ଦାସ, ହିମାଦ୍ରିତନୟା ଜେନା, ସୁଚିତା ମିଶ୍ର, ଦିଲ୍ଲୀପ କୁମାର ମହାନ୍ତି, ଜଗବନ୍ଧୁ ସାହୁ, ବିକାଶ ଦାସ, ବ୍ରହ୍ମାନନ୍ଦ ସାହୁ ପ୍ରମୁଖ ଓ ଶତାଧିକ ଛାତ୍ରୀଛାତ୍ର ଏଥିରେ ଯୋଗଦେଇଥିଲେ। କବି ମହାପାତ୍ରଙ୍କ ବାସଭବନ, ଚନ୍ଦ୍ରଭାଗାକୁ ଗୋଟିଏ ସଂଗ୍ରହାଳୟ ରୂପେ ଗ୍ରହଣ କରିବା ସହିତ ତାଙ୍କ ନାମରେ ପ୍ରତ୍ୟେକ ବର୍ଷ ଏକ ରାଜ୍ୟସ୍ତରୀୟ ପୁରସ୍କାର ପ୍ରଚଳନ କରିବା ପାଇଁ ସର୍ବସମ୍ମତିକ୍ରମେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। କବି ମହାପାତ୍ରଙ୍କ ଜନ୍ମଦିବସ ଅକ୍ଟୋବର ୨୨କୁ ପାଳନ କରି ପ୍ରମୁଖ ଏକ ଯୁବ ଇଂରାଜୀ କବିଙ୍କୁ ଜୟନ୍ତ ମହାପାତ୍ର ମେମୋରିଆଲ୍ ଆୱାର୍ଡ ପ୍ରଦାନ କରିବାକୁ ଘୋଷଣା ହୋଇଥିଲା। ଅଧ୍ୟାପକ ରଞ୍ଜନ କୁମାର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ଯାଜପୁର ଟାଉନ,୪।୯ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଚିଟ୍‌ଫଣ୍ଡ ସଂସ୍ଥା 'ଅଲ କେମିଷ୍ଟ' କମ୍ପାନୀଠାରୁ ଟଙ୍କା ଫେରସ୍ତ ପାଇଁ ଦାବି ହୋଇଛି। ସୋମବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ମିଳିତ ଜନଅଭିଯୋଗ ଶୁଣାଣିରେ ଯାଜପୁର ଜିଲାର କ୍ଷତିଗ୍ରସ୍ତ ଏଜେଣ୍ଟ ଓ ଜମାକାରୀମାନେ ମିଳିତ ହୋଇ ଜିଲାପାଳଙ୍କୁ ଦାବିପତ୍ର ଦେଇ ସେମାନଙ୍କ ଅର୍ଥ ଫେରସ୍ତ ପାଇଁ ନିବେଦନ କରିଛନ୍ତି। ଅଲ କେମିଷ୍ଟ ଲିମିଟେଡ୍ କମ୍ପାନୀ ଛତିଶଗଡର ହୋଇଥିବାବେଳେ ଭାରତରେ ଏହା କାୟା ବିସ୍ତାର କରିଥିଲା। କମ୍ପାନୀର ଅଧ୍ୟକ୍ଷ ଝାଡ଼ଖଣ୍ଡର ପୂର୍ବତନ ଏମ୍‌ପି କେ.ଡି ସିଂହ ଥିଲେ। କମ୍ପାନୀ ଓଡ଼ିଶାରେ ୧୪ ଶାଖା ଖୋଲି ୨୦୧୧ରୁ ୨୦୧୬ ପର୍ଯ୍ୟନ୍ତ କାରବାର ଆରମ୍ଭ କରିଥିଲା।

ଜିଲାର କୁଆଖିଆ ଅଞ୍ଚଳରେ ଏହି କମ୍ପାନୀ ଶାଖା ଖୋଲି ୩ ବର୍ଷରେ ୧୨ ପ୍ରତିଶତ ସୁଧ, ୪ବର୍ଷରେ ସଞ୍ଚୟର ଦେଢ଼ ଗୁଣା, ୬ବର୍ଷରେ ଦ୍ୱିଗୁଣା, ୯ ବର୍ଷରେ ତିନି ଗୁଣା, ୧୨ ବର୍ଷରେ ୫ ଗୁଣା ଏବଂ ୧୬ବର୍ଷରେ ୧୦ଗୁଣା ଅର୍ଥ ଭଳି ଆକର୍ଷଣୀୟ ଓ ଲୋଭନୀୟ ସ୍କିମ୍ ଦେଇ ଲୋକଙ୍କଠାରୁ ଅର୍ଥ ଆଦାୟ କରି ବ୍ୟବସାୟ କରୁଥିଲା। ୨୦୧୬ରେ କମ୍ପାନୀ ଓଡ଼ିଶାରେ ଚାଲିଥିବା ସମସ୍ତ ଶାଖାକୁ ବନ୍ଦ କରିବା ସହ ଛତିଶଗଡରେ ତା'ର ମୁଖ୍ୟ କାର୍ଯ୍ୟାଳୟ ମଧ୍ୟ ବନ୍ଦ କରିଦେଇଥିଲା।। କମ୍ପାନୀର ଏଜେଣ୍ଟ ଓ ଜମାକାରୀ ସଞ୍ଚୟ କରିଥିବା ଅର୍ଥ ମ୍ୟାଚ୍ୟୁରିଟି ହେବାର ୫ବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ ମଧ୍ୟ କୌଣସି ଅର୍ଥ ଫେରସ୍ତ ପାଇ ନ ଥିଲେ। ତେଣୁ କମ୍ପାନୀର ଅର୍ଥ ନିବେଶକାରୀମାନେ ବାଧ୍ୟହୋଇ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀ, ଛତିଶଗଡ଼ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ ବୋଲି ଦାବିପତ୍ରରେ ଦର୍ଶାଇଛନ୍ତି।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀ ଓ ଏଜେଣ୍ଟ।

**ଜାଗା ବାଡ଼ି ବିବାଦକୁ ନେଇ ମରଣାନ୍ତକ ଆକ୍ରମଣ: ୨ ଗିରଫ**

**ପାରାଦୀପ,(ଶରତ ରାଉତ):** ପାରାଦୀପ ଲକ୍ ଥାନା ଅନ୍ତର୍ଗତ ପିପଳ ଗ୍ରାମରେ ସୋମବାର ଏକ ଜାଗା ବାଡ଼ି ବିବାଦକୁ ନେଇ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଘଟଣାରେ ପୋଲିସ ନଂ. ୩୭୧/୨୩ରେ ମାମଲା ରୁଜୁ କରିବା ସହ ୨ଜଣଙ୍କୁ ଗିରଫ କରିଛି। ପୋଲିସ ଆକ୍ରମଣରେ ବ୍ୟବହୃତ ମାରଣାସ୍ତ୍ର ଜବତ କରିଛି। ଅଭିଯୁକ୍ତ ହେଲେ ଆନନ୍ଦ ସେଠୀ ଓ ନଚ୍ଚୀ ସେଠୀ। ସେ ପାଖ ପଡୋଶୀ ସୌରୀ ସେଠୀ ଓ ତାଙ୍କ ସାନ ଭଉଣୀ ରୀତା ସେଠୀଙ୍କୁ ଘରେ ପଶି କଟୁରୀରେ ହାଣି ଦେଇଥିଲେ। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି।

# ଲୋକକଳା ହିଁ ଲୋକଙ୍କ ମନରେ ଭାବ ପ୍ରବଣତା ସୃଷ୍ଟି କରିବ

**ଜଗତସିଂହପୁର, ୪।୯ (ପ୍ରମୋଦ କୁମାର ନାୟକ)**

- ସରକାରୀ ଯୋଜନା ଉପରେ ହେବ ସଚେତନତା
- ୨ ଦିନିଆ ଜିଲାସ୍ତରୀୟ ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଆରମ୍ଭ

ଗାଁରୁ ସହର ପର୍ଯ୍ୟନ୍ତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନେକ ଜନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ ହେଉଛି। କିନ୍ତୁ ପ୍ରତି ଯୋଜନା ଉପରେ ଲୋକେ ସଚେତନ ନାହାନ୍ତି। ଯାହାଦ୍ୱାରା ଦୁର୍ନୀତି ବ୍ୟାପିବା ସହ ଲୋକେ ଏହାର ସୁଫଳ ପାଇପାରୁନାହାନ୍ତି। ଏ ପରିସ୍ଥିତିରେ ଲୋକଙ୍କୁ ସରକାରୀ ଯୋଜନା ସମ୍ପର୍କରେ ସଚେତନ ପାଇଁ ରାଜ୍ୟ ସରକାର ଲୋକକଳାକୁ ମାଧ୍ୟମ କରିଛନ୍ତି। ଆସନ୍ତା ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଭିଯାନ ସାରା ରାଜ୍ୟରେ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଅନୁଯାୟୀ ସୋମବାର ଜିଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଜିଲା ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ୨ ଦିନିଆ ଜିଲା ସଂସାଧନ ସଭ୍ୟମାନଙ୍କ ପାଇଁ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି।

ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତିଚି ତନୟା ମହାନ୍ତଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ମନୋଜ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ କଳା, ସଂସ୍କୃତି ସଂଘ କରାଯିବାର ମୂଳ ଉଦ୍ଦେଶ୍ୟ କ'ଣ ତା' ଉପରେ ବର୍ଣ୍ଣନା କରିଥିଲେ। ବିଶେଷକରି ଓଡ଼ିଶାର ପାରମ୍ପରିକ ଲୋକକଳାକୁ ଜୀବିତ ରଖିବା ସହ ଏହାର ବିକାଶ ଉପରେ ଧ୍ୟାନ ଦେବାକୁ ଗୁରୁତ୍ୱାରୋପ କରିଥିଲେ। ଶିବିରରେ ଉପଜିଲାପାଳ ପ୍ରଦୀପ କୁମାର ସାହୁ ପୌରୋହିତ୍ୟ କରି କଳାକାରମାନଙ୍କୁ ଅନେକ କିଛି ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା. ନିମାଇଁ ଚରଣ ନାୟକ ସ୍ୱାସ୍ଥ୍ୟ ସମ୍ପର୍କିତ ଅର୍ଥାତ୍ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଆମ ହସ୍ପିଟାଲ ଓ ଅନ୍ୟ ସ୍ୱାସ୍ଥ୍ୟ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା ସହ ଲୋକ ସମ୍ପୃକ୍ତିକୁ ଗୁରୁତ୍ୱ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ସାହୁ ଶିକ୍ଷା ବ୍ୟବସ୍ଥାର ପୁନଃ ନବୀକରଣ, ୫-ଟି ହାଇସ୍କୁଲର ରୂପାନ୍ତରୀକରଣ, ମୋ ସ୍କୁଲ ଅଭିଯାନ, ବାଇ ସାଇକେଲ ଯୋଜନା ଓ ଆଦର୍ଶ ବିଦ୍ୟାଳୟ ସମ୍ପର୍କରେ ବିଷଦ ବିବରଣୀ ରଖିଥିଲେ। ଶିକ୍ଷାବିତ୍ ତଥା ସଂସ୍କୃତି ଗବେଷକ ମହେନ୍ଦ୍ର କୁମାର ଆଚାର୍ଯ୍ୟ ଓଡ଼ିଶାର ବଳିଷ୍ଠ ଓ ସମୃଦ୍ଧ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ଲୋକକଳା ଯଥା ପାଲା, ଦାସକାଠିଆ, ଘୋଡ଼ା ନାଚ, ଲୋକନୃତ୍ୟ ଆଦି ମାଧ୍ୟମରେ ସରକାରୀ ଯୋଜନାକୁ ଲୋକଙ୍କ ପାଖରେ ସହଜରେ ପହଞ୍ଚା ଯାଇପାରିବ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟସ୍ତରୀୟ ସଂସାଧନ ସଭ୍ୟ ଅଭିମନ୍ୟୁ ନାୟକ ଓ ନାରାୟଣ ମହାରଣା ପ୍ରମୁଖ ନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଓ ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା ଯୋଜନାର ମୂଳମନ୍ତ୍ର ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆଗକୁ ଜିଲାବ୍ୟାପୀ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ ଅଞ୍ଚଳର କଳା, ସଂସ୍କୃତି ସଂଘ, ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତ ପରିବେଷଣ କରୁଥିବା ସାଂସ୍କୃତିକ ଦଳଗୁଡ଼ିକୁ ସାମିଲ କରାଯିବ। କାର୍ଯ୍ୟକ୍ରମଗୁଡ଼ିକ ଯେପରି ଲୋକଙ୍କ ଭାବ ପ୍ରବଣତାକୁ ଛୁଇଁବ ତା' ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା। ଶେଷରେ ଜିଲା ସଂସ୍କୃତି ଅଧିକରୀ ଜେନା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ କୁମାର ନାୟକ, ପ୍ରୋଗ୍ରାମ ଅଧିକାରୀ ଅଂଶୁପା ସାହୁ, ଶାଳଜଙ୍ଗ ଆଦର୍ଶ ବିଦ୍ୟାଳୟ ଶିକ୍ଷକ ପ୍ୟାରୀମୋହନ ସେନାପତି ପ୍ରମୁଖ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ୍ ମାଧ୍ୟମରେ ସଂସାଧନ ସଭ୍ୟଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ପ୍ରଶିକ୍ଷଣ ଶିବିରରେ ବିଡିଓ, ସାମାଜିକ ସୁରକ୍ଷା ଅଧିକାରୀ, ସମସ୍ତ ବ୍ଲକ କଳା, ସଂସ୍କୃତି ସଂଘର ଉପସଭାପତି, ବ୍ଲକ କଳା ସଂଘର ବରିଷ୍ଠ କଳାକାର, ଗୁରୁ, ସଂସାଧନ ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥିମାନେ।

# ପାରାଦୀପ ବନ୍ଦର ପାଇକାରୀ ଭଣ୍ଡାର ଲିଃରେ ଦୁର୍ନୀତି ଅଭିଯୋଗ

## ସପ୍ତାହ ମଧ୍ୟରେ ତଦନ୍ତ ହେବ, ନିବନ୍ଧକ



ପାରାଦୀପ ବନ୍ଦର ପାଇକାରୀ ଭଣ୍ଡାର ଲିଃର କାର୍ଯ୍ୟାଳୟ।

**ପାରାଦୀପ,୪।୯(ଶରତ ରାଉତ)**

ପାରାଦୀପ ବଡ଼ପଡିଆଠାରେ ୧୯୬୮ରୁ ଚାଲିଥିବା ପାରାଦୀପ ବନ୍ଦର ପାଇକାରୀ ଭଣ୍ଡାର ଲିଃରେ ଆର୍ଥିକ ଚଞ୍ଚକତା ଅଭିଯୋଗ ହୋଇଛି। ଏହାର ସଭାପତିଙ୍କ ସମେତ ୧୫ ଜଣିଆ ନିର୍ଦ୍ଦେଶକ ଏହି ଅଭିଯୋଗ ଜଗତ୍‌ସିଂହପୁର ଜିଲା ସହକାରୀ ନିବନ୍ଧକଙ୍କ ସମେତ ନିବନ୍ଧକ କଟକ, ଜିଲାପାଳ, ରେଜିଷ୍ଟର ଭୁବନେଶ୍ୱର, ସମବାୟ ମନ୍ତ୍ରୀ, ଭିଜିଲାନ୍ସ ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ କରିଛନ୍ତି। ଏହି ଅଭିଯୋଗ ପରେ ନିବନ୍ଧକ କଟକ ମୋନିକା ରାୟ କହିଛନ୍ତି, ପାରାଦୀପ ବନ୍ଦର ପାଇକାରୀ ଭଣ୍ଡାର ଲିଃର କର୍ମକର୍ତ୍ତା ମାନଙ୍କ ଅଭିଯୋଗ ହସ୍ତଗତ ହୋଇଛି। ସପ୍ତାହ ମଧ୍ୟରେ ଏକ ୭ ଜଣିଆ ତଦନ୍ତ ଟିମ୍ ଏହାର ତଦାରଖ କରିବେ। ଉକ୍ତ ଭଣ୍ଡାର ଲିଃ ସଭାପତି ରଘୁନାଥ ସାହୁଙ୍କ ଲିଖିତ ଅଭିଯୋଗ ଅନୁସାରେ, ନୂଆ ବୋର୍ଡ କର୍ମକର୍ତ୍ତା ଚଳିତବର୍ଷ ଆସିବା ପରେ ଜୁଲାଇ ମାସଠାରୁ ଚଳିତ ମାସ ମଧ୍ୟରେ ୩ ଥର ବୈଠକ ବସିଥିଲା। ଏଥିରେ ପ୍ରାୟ ୧ କୋଟିରୁ ଅଧିକ ଟଙ୍କା ହିସାବ ମିଳୁନାହିଁ। ଏହି ସଂସ୍ଥା ଅଧୀନରେ ଏକ ତେଲ ଟାଙ୍କି ସମେତ ୧୫ରୁ ଅଧିକ ଦୋକାନ ଘର ଓ ଅନ୍ୟ ରୋଜଗାର ପନ୍ଥା ରହିଛି। ସଂସ୍ଥାରେ କାମ କରୁଥିବା ରେଗୁଲାର କର୍ମଚାରୀ ଓ ଠିକା କର୍ମଚାରୀ ଏବଂ ବିଭିନ୍ନ ପଦ ପଦବୀରେ ଥିବା ଲୋକ ଅନେକ ସମୟରେ ଆର୍ଥିକ କାରବାର କରିବା ବେଳେ ଯେଉଁଭଳି ରେକର୍ଡ କରାଯିବା କଥା ତାହା କରି ନାହାଁନ୍ତି। ସେଥିପାଇଁ ଆମେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବିଭାଗୀୟ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛୁ। ଏ ସମ୍ପର୍କରେ ରେଗୁଲାର କର୍ମଚାରୀ ଥିବା ସେଲ୍ସ ଅଫିସର ବସନ୍ତ ଜେନା କୁହନ୍ତି, କୌଣସି ଅନିୟମିତତା ହୋଇନାହିଁ। କେତେକ ବକେୟା ଏବେ ଆଦାୟ ହେବା ଅବସ୍ଥାରେ ନାହିଁ। ଯାହା ବି ଆର୍ଥିକ କାରବାର ହୋଇଛି ସେଥିରେ ସମ୍ପାଦକଙ୍କ ଦସ୍ତଖତ ରହିଛି। ଯେକୌଣସି ପ୍ରକାର ତଦନ୍ତ ହେଲେ ସତ୍ୟାସତ୍ୟ ସ୍ପଷ୍ଟ ହେବ। ସମ୍ପାଦକ ରଞ୍ଜିତ କୁମାର ସାହୁଙ୍କୁ ପଚାରିଲେ କୁହନ୍ତି, ଯେଉଁ ଅଭିଯୋଗ ଲିଖିତ ଭାବେ ଆସିଛି ସେତେ ମାତ୍ରାରେ ଅନିୟମିତତା ହୋଇନାହିଁ। କୋଭିଡ୍ ସମୟରେ କେତେଜଣ କର୍ମଚାରୀ ଅଗ୍ରୀମ ଅର୍ଥ ନେଇଥିଲେ। ସେ ହିସାବ ରହିଛି। ଅଡିଟ୍ ହେଲେ ଘଟଣା ଜଣାପଡ଼ିବ।

## ସଂକ୍ଷେପରେ

### ଘରୁ ତଡ଼ା ଖାଇଥିବା ମା'ବାପା ଘରକୁ ଫେରିଲେ

**କୁଜଙ୍ଗ ୪।୯(ମନୋଜ ପ୍ରଧାନ)**

କୁଜଙ୍ଗ ଥାନା ଅନ୍ତର୍ଗତ ମହ୍ଲାସାହି ଗ୍ରାମର ୯୬ ବର୍ଷୀୟ ଘନଶ୍ୟାମ ଓ ତାଙ୍କ ସ୍ତ୍ରୀ ମନୋରମା (୮୫) ପୁଅମାନଙ୍କ ଦ୍ୱାରା ଘରୁ ତଡ଼ାଖାଇ ବିଭିନ୍ନ ବାରଣ୍ଡାରେ ୧୨ଦିନ ଭୋକ ଉପାସରେ ଅତିବାହିତ କରିଥିଲେ। ୧୨ଦିନ ପରେ ଘରକୁ ଫେରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଘନଶ୍ୟାମ ୨ ପୁଅ ସରୋଜ ଓ ରଞ୍ଜନଙ୍କୁ ଜମି ବିକ୍ରିକରି ୧୮ ଲକ୍ଷ ଟଙ୍କା ଦେଇଥିଲେ। ଉକ୍ତ ଟଙ୍କାରେ ଗୃହ ନିର୍ମାଣ କରି ସାରିବା ପରେ ବୃଦ୍ଧା ମା'ପିତାଙ୍କୁ ଘରୁ ତଡ଼ି ଦେଇଥିଲେ। ଅଗଷ୍ଟ ୨୪ରୁ ବୃଦ୍ଧ ମାତାପିତା କୁଜଙ୍ଗ ପୋଷ୍ଟ ଅଫିସ ସମେତ ବିଭିନ୍ନ ବାରଣ୍ଡାରେ ଜୀବନ ଅତିବାହିତ କରିଥିଲେ। ପରେ ଘନଶ୍ୟାମ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଥାନାକୁ ୨ ପୁଅଙ୍କୁ ଡକାଇ ତାଲୁକ ଆଇନ ସେବା କମିଟି ସହାୟତାରେ ମା' ବାପା ଓ ୨ ପୁଅଙ୍କ ମଧ୍ୟରେ ବୁଝାମଣା କରାଇଥିଲେ। ପରେ କୁଜଙ୍ଗ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ ତାଲୁକ ଆଇନ ସେବା କମିଟି ରିଟେନର ଏଏନ୍‌ଡି ଯାଦବ, ମହ୍ଲାସାହି ସରପଞ୍ଚ ଧ୍ରୁବ ନାୟକଙ୍କ ସହାୟତାରେ ବୃଦ୍ଧ ମାତାପିତାଙ୍କୁ ନେଇ ଘରେ ଛାଡ଼ିବା ସହ ୨ ପୁଅ ଓ ବ୍ୱାଇଁଙ୍କୁ ଯତ୍ନ ନେବା ପାଇଁ ପରାମର୍ଶ ଦେଇଥିଲେ। ଯଦି ଭବିଷ୍ୟତରେ ବୃଦ୍ଧ ମାତାପିତାଙ୍କୁ ୨ ପୁଅ ହଇରାଣ କରନ୍ତି ଏନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତାଲୁକ ଆଇନସେବା କମିଟି ପକ୍ଷରୁ କୁହାଯାଇଛି।

### ନଦୀରେ ନିଖୋଜ ନାବାଳିକାଙ୍କ ମୃତଦେହ ଜବତ

**ପାରାଦୀପ,୪।୯(ଶରତ ରାଉତ)**

ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ମୁଣ୍ଡାପଡା ବସ୍ତି ପାଖରେ ଥିବା କଂସାରୀପାଟିଆ ମତ୍ସ୍ୟଡିଆ ନଦୀରେ ରବିବାର ଜଣେ ୧୪ ବର୍ଷୀୟା ନାବାଳିକା ସ୍ରୋତରେ ଭାସି ଯାଇଥିଲେ। ସୋମବାର ସମ୍ପୃକ୍ତ ନାବାଳିକାଙ୍କ ମୃତଦେହ ଅଠରବାଙ୍କି କାଉଡିଆ ନଦୀ ବାଲିଫ୍ଲଟ ପାଖରୁ ଜବତ କରାଯାଇଛି। ମୃତକ ହେଲେ ସଞ୍ଜୟ ମଲ୍ଲିକଙ୍କ କନ୍ୟା ଆରତୀ। ସେ ସାଙ୍ଗମାନଙ୍କ ସହିତ ଖୁଦୁରୁକୁଣୀ ଓଷା ଭାଲୁକା ସ୍ଥାପନ ପାଇଁ ନଦୀରୁ ମାଟି ଉଠାଇବା ବେଳେ ଭାସି ଯାଇଥିଲେ।

### ମହ୍ଲାସାହି ପଞ୍ଚାୟତରେ ନୂତନ ଭତ୍ତା ବଣ୍ଟନ

**କୁଜଙ୍ଗ ୪।୯ (ମନୋଜ ପ୍ରଧାନ)**

କୁଜଙ୍ଗ ବ୍ଲକ ମହ୍ଲାସାହି ପଞ୍ଚାୟତରେ ରାଜ୍ୟ ସରକାରଙ୍କ ପକ୍ଷରୁ ସୋମବାର ମଧୁବାବୁ ପେନସନ ଯୋଜନାରେ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ବଣ୍ଟନ କରାଯାଇଛି। ସରପଂଚ ଧ୍ରୁବ ଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗାଣ ଅଧିକାରୀ ଯଶୋବନ୍ତ ମଲ୍ଲିକ, ଗ୍ରାମ ରୋଜଗାର ସେବକ ବିଶ୍ୱଜିତ ରାୟଙ୍କ ସମେତ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ କରିଥିଲେ।

# ଛାତ୍ର ସଂସଦ ନିର୍ବାଚନ, ଦୁର୍ନୀତି ତଦନ୍ତ ପାଇଁ ବିକ୍ଷୋଭ



ଛାତ୍ର ସଂସଦ ନିର୍ବାଚନ ଦାବିରେ କେନ୍ଦ୍ରାପଡ଼ା ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**କେନ୍ଦ୍ରାପଡ଼ା, ୪।୯ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଛାତ୍ର କଂଗ୍ରେସ ପକ୍ଷରୁ ଛାତ୍ର ସଂସଦ ନିର୍ବାଚନ ଦାବି କରି ସୋମବାର ବିକ୍ଷୋଭ କରିଛି। ଏଥିସହ ଏହି ବିକ୍ଷୋଭରେ ଛାତ୍ରନେତାମାନେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ହୋଇଥିବା ଅନୁଦାନ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବି କରିଛି। ମହାବିଦ୍ୟାଳୟ ସମ୍ମୁଖରେ ଆୟୋଜିତ ଏହି ବିକ୍ଷୋଭରେ ଜିଲା ସଭାପତି ପରଭେଜ ଅକ୍ତରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏସମ୍ପର୍କରେ ସେ କହିଛନ୍ତି, ମହାବିଦ୍ୟାଳୟ ପରିସରରେ ରାସ୍ତା ନିର୍ମାଣ ହୋଇଛି। ତେବେ ଅନୁଦାନ ଅର୍ଥ ୨୯ ଲକ୍ଷ ଟଙ୍କା ବ୍ୟୟରେ ବହୁ ଅନିୟମିତତା ଅଛି। ଏଥିସହ ପରିସର ପାଇଁ କିଣା ଯାଇଥିବା ଗଛ ଚାରା, ଗାନ୍ଧୀ ଭବନ ଉଦ୍‌ଘାଟନ ଉତ୍ସବରେ ହୋଇଥିବା ବ୍ୟୟ, କମ୍ପ୍ୟୁଟର କିଣା ଆଦିରେ ବ୍ୟାପକ ଆର୍ଥିକ ଅନିୟମିତତା ଲୋକଲୋଚନକୁ ଆସିଛି। ଏହି ସବୁ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ହେଲେ ଅନିୟମିତତା ସମ୍ପର୍କରେ ତଥ୍ୟ ଆସିପାରିବ। ସେହିପରି ଛାତ୍ର ସଂସଦ ନିର୍ବାଚନ ଦ୍ୱାରା ମହାବିଦ୍ୟାଳୟ ଶୃଙ୍ଖଳିତ ହେବା ସହ ଆଗାମୀ ପିଢି ପାଇଁ ରାଜନେତା ପ୍ରସ୍ତୁତ କରାଯାଏ। ତେବେ ରାଜ୍ୟ ସରକାର ଦୀର୍ଘବର୍ଷ ଧରି ସଂସଦ ନିର୍ବାଚନ ବନ୍ଦ କରିଛନ୍ତି। ତୁରନ୍ତ ନିର୍ବାଚନ ଦାବି କରି ଛାତ୍ର କଂଗ୍ରେସ ପକ୍ଷରୁ ଏହି ବିକ୍ଷୋଭ ପ୍ରଦର୍ଶିତ ହୋଇଥିବା ଜିଲା ସଭାପତି ପରଭେଜ କହିଛନ୍ତି। ଏହି ବିକ୍ଷୋଭରେ ବିକାଶ କୁମାର ମଲ୍ଲିକ, ଦେବରଞ୍ଜନ ତ୍ରିପାଠୀ, ଉମେଶ ପାଢୀ, ରଞ୍ଜନ ଦାସ ପ୍ରମୁଖ ଅନ୍ୟତମ ସହଯୋଗୀ ଛାତ୍ର ନେତା ସାମିଲ ହୋଇଥିଲେ।

# ବେଆଇନ ବାଲି ଚାଲାଣ ବେଳେ ୩ ହାଇୱା ଜବତ

## ୬୦ ହଜାର ଟଙ୍କାର ଜରିମାନା

**ପଟ୍ଟାମୁଣ୍ଡାଇ,୪।୯(କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ବ୍ଲକ ଦେଇ ଯାଇଥିବା ବ୍ରାହ୍ମଣୀ ନଦୀରୁ ବେଆଇନ ବାଲି ଚାଲାଣ ଏକ ନିତିଦିନିଆ ଘଟଣା ହୋଇଗଲାଣି। ପ୍ରମୁଖ ଘାଟଗୁଡ଼ିକୁ ପ୍ରଶାସନ ପକ୍ଷରୁ ନିଲାମ ଦିଆଯାଇ ନ ଥିବା ବେଳେ ଚୋରା ବାଲି ଚାଲାଣ ଦିନକୁଦିନ ବଢ଼ିବାରେ ଲାଗିଛି। ପଟ୍ଟାମୁଣ୍ଡାଇ ନୂତନ ଭାବେ ଯୋଗଦେଇଥିବା ତହସିଲଦାର ସମୀର ବେହେରା ଉକ୍ତ ଘଟଣାକୁ ଗୁରୁତର ସହିତ ନେଇଥିବା ବେଳେ ସୋମବାର ବେଆଇନ ବାଲି ଚାଲାଣ ହେଉଥିବା ୩ଟି ହାଇୱାକୁ ପଟ୍ଟାମୁଣ୍ଡାଇ ବାଇପାସ୍ ନିକଟରେ ଜବତ କରିଛନ୍ତି। ଯାଞ୍ଚ ବେଳେ ବାଲି ପରିବହନ ବାବଦ କୌଣସି ସ୍ୱୀକୃତି ପତ୍ର ଦେଖାଇ ନ ପାରିବାରୁ ଗାଡ଼ି ୩ଟିକୁ ଅଟକ ରଖାଯାଇଥିଲା। ୩ଟି ହାଇୱା ମାଲିକଙ୍କ ଉପରେ ୨୦ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି। ସେମାନଙ୍କ ମଧ୍ୟରେ ଜଣେ ହାଇୱା ମାଲିକ ୨୦ ହଜାର ଜରିମାନା ଦେଇ ଗାଡ଼ି ମୁକୁଳାଇ ଥିବା ତହସିଲଦାର ବେହେରା କହିଛନ୍ତି।

# ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣିରେ ୪୭ ଅଭିଯୋଗ



ଜନଶୁଣାଣିରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ବିରିଡି,୪।୯ (ପ୍ରଶାନ୍ତ କୁମାର ରାଉତ)**

ଜଗତ୍‌ସିଂହପୁର ଜିଲା ବିରିଡି ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ ୪୭ଟି ଅଭିଯୋଗ ହୋଇଥିଲା। ଜିଲାପାଳଙ୍କ ଅନୁପସ୍ଥିତିରେ ଏଡିଏମ୍ ଚିନ୍ମୟୀ ବିଶ୍ୱାଳ, ଏସ୍‌ପି ରାହୁଲ ପିଆର୍, ଏପିଡି ଅଭିମନ୍ୟୁ ପଣ୍ଡା, ଉପଜିଲାପାଳ ପ୍ରଦୀପ ସାହୁ, ଏସ୍‌ଡିପିଓ ରମେଶ ସିଂ, ବିଡିଓ ହେମନ୍ତ କୁମାର ମହାନ୍ତ, ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ ଯୋଗଦେଇ ସମସ୍ୟାଗୁଡିକ ବୁଝିଥିଲେ। ବିଶେଷକରି ବାସନ୍ଦରା ପଞ୍ଚାୟତରେ ପ୍ରାୟ ୫ଗୋଟି ଏଲ୍‌ଆଇ ପଏଣ୍ଟକୁ ବିଦ୍ୟୁତ୍ ନ ଥିବାରୁ ନ ଚାଲି ପଡ଼ି ରହିଥିବା ଉକ୍ତ ଗ୍ରାମର ଆଶୁତୋଷ ପଟ୍ଟନାୟକ ଅଭିଯୋଗ କରିଥିଲେ। ବାଗଲପୁର ପିଏଚ୍‌ସିରେ ଘୋର ଅବ୍ୟବସ୍ଥା ସମ୍ପର୍କରେ ସରପଞ୍ଚ ତରୁଣ କୁମାର ଦାସ ଅଭିଯୋଗ କରିଥିଲେ। ବ୍ଲକ ମିଶନ ଶକ୍ତି ଦ୍ୱାରା ୭ ଜଣ ବ୍ୟାଙ୍କ ସଖି ଭାବେ କାର୍ଯ୍ୟ କରୁଥିବା ନିବେଦିତା ପଟ୍ଟନାୟକ, ସ୍ମରଣିକା ସ୍ୱାଇଁ, ପ୍ରୀତିରାଣୀ ଓଝା ପ୍ରମୁଖ ସେମାନଙ୍କୁ ପ୍ରତି ପଞ୍ଚାୟତରେ ଖୋଲାଯାଉଥିବା ବ୍ୟାଙ୍କଗୁଡ଼ିକରେ ନିଯୁକ୍ତି ଦେବାକୁ ଦାବି କରିଥିଲେ। ବିରିଡି କୂଳକଇଜଙ୍ଗା ଘରାମର ରାସ୍ତାଟିରେ ପାଣି ନିଷ୍କାସନ ନ ହୋଇ ଜମି ରହୁଛି ଫଳରେ ଚାଲି କରି ଯିବା କଷ୍ଟକର ହୋଇପଡୁଛି। ତୁରନ୍ତ ନିଷ୍କାସନ କରିବାକୁ ଗ୍ରାମର ଭାବଗ୍ରାହୀ ସ୍ୱାଇଁ ଅଭିଯୋଗ କରିଥିଲେ। ଗୌସନଗର ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ହେବା ପାଇଁ ଜାଗା ଚିହ୍ନଟ ସରିଥିଲେ ମଧ୍ୟ ଜାଗାଟିକୁ ଜବରଦଖଲରେ ଥିବାରୁ ତୁରନ୍ତ ସେଠାରୁ ଜବରଦଖଲ ହଟାଇବାକୁ ଏଡିଏମ୍ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହିପରି ପ୍ରତ୍ୟେକ ଅଭିଯୋଗଗୁଡ଼ିକକୁ ବୁଝି ସମାଧାନ କରିବାକୁ ଏଡିଏମ୍ ବିଶ୍ୱାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ବିଦ୍ୟାଳୟରେ ଶିକ୍ଷକ ନ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ

**ଆଳି,୪।୯( ବନମାଳୀ ସେନାପତି)**

- ଗ୍ରାମବାସୀ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଭେଟିଲେ
- ବଡ଼ମଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
- ୭ ଶ୍ରେଣୀକୁ ୨ ଜଣ ଶିକ୍ଷକ

ଆଳି ବ୍ଲକରେ ଥିବା ବହୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହୋଇଛି। ତେଣୁ ଅନେକ ସମୟରେ ବିଭିନ୍ନ ବିଦ୍ୟାଳୟରେ ତାଲା ପଡ଼ିବା, ସ୍କୁଲ ସମ୍ମୁଖରେ ଗ୍ରାମବାସୀଙ୍କର ଧାରଣା ଦେବା ଏଠାରେ ଏକ ନିତିଦିନିଆ ଘଟଣାରେ ପରିଣତ ହେଲାଣି। ଉଚ୍ଚ କର୍ତ୍ତୃପକ୍ଷ ସବୁ ଜାଣିଥିଲେ ବି କିପରି ଚୁପ୍ ରହି ଦେଶର ଭବିଷ୍ୟତଙ୍କ ସହ ଖେଳ ଖେଳୁଛନ୍ତି ତାହା ଆଶ୍ଚର୍ଯ୍ୟ ଲାଗୁଛି। ଶିକ୍ଷକ ଅଭାବରୁ ଶିକ୍ଷାଦାନ ବ୍ୟାହତ ହେବାର ସଦ୍ୟତମ ଉଦାହରଣ ହେଉଛି ବଡ଼ମଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଏକଦା ଅନେକ ସଫଳ ଛାତ୍ରୀଛାତ୍ର ସୃଷ୍ଟି କରିଥିବା ଏହି ବିଦ୍ୟାଳୟରେ ଏବେ ମାତ୍ର ୨ ଜଣ ଶିକ୍ଷକ ଅଛନ୍ତି। ବିଦ୍ୟାଳୟର ୭ଗୋଟି ଶ୍ରେଣୀରେ ଏବେ ୧୪୦ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ବିଦ୍ୟାଳୟରେ ଥିବା ୪ଜଣ ଶିକ୍ଷକଙ୍କ ମଧ୍ୟରୁ ଜଣଙ୍କୁ ଡେପୁଟେଶନରେ ଅନ୍ୟ ବିଦ୍ୟାଳୟକୁ ପଠାଯାଇଛି। ଚଳିତ ଶିକ୍ଷା ବର୍ଷରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ହେଲେ ତାଙ୍କ ସ୍ଥାନରେ ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ। ମାତ୍ର ୨ ଜଣ ଶିକ୍ଷକଙ୍କୁ ନେଇ ଶିକ୍ଷାଦାନ କରିବାରେ ଘୋର ଅସୁବିଧା ହେଉଛି। ଏ ସମ୍ପର୍କରେ ବାରମ୍ବାର ଅଧିକାରୀମାନଙ୍କୁ ଜଣାଇବା ପରେ କୌଣସି ସୁଫଳ ନ ପାଇ ଗ୍ରାମବାସୀ ସୋମବାର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ସେମାନଙ୍କ ଦାବିପତ୍ର ଦେଇଛନ୍ତି। ତୁରନ୍ତ ଶିକ୍ଷକ ନିଯୁକ୍ତି କରିବାକୁ ଦାବି କରିଛନ୍ତି। ସେମାନେ ମଧ୍ୟ ଏହି ଦାବି ପତ୍ରର ନକଲ ବ୍ଲକ ଅଧ୍ୟକ୍ଷ, ଆଳି ବିଧାୟକ, କେନ୍ଦ୍ରାପଡ଼ା ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ପ୍ରେରଣ କରିଛନ୍ତି। ଶତାଧିକ ଲୋକଙ୍କ ଦସ୍ତଖତ ସମ୍ବଳିତ ଏହି ଦାବିପତ୍ର ଦେବା ପରେ ସେମାନଙ୍କ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରି ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି।



ଆଳି ବ୍ଲକ ଶିକ୍ଷାଧିକାରୀଙ୍କୁ ଅଭିଯୋଗ କରିବାକୁ ଅସିଥିବା ଗ୍ରାମବାସୀ।

# ଅଳପୁଆ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ: ୮୦ ଅଭିଯୋଗ

**ପଟ୍ଟାମୁଣ୍ଡାଇ,୪।୯(କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ବ୍ଲକର ଅଳପୁଆ ପଞ୍ଚାୟତରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ବିଡିଓ ଶୁଭ୍ରାଂଶୁ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ପଦ୍ମିନୀ ବେହେରା ଓ ସମିତିସଭ୍ୟ ରାମଚନ୍ଦ୍ର ସେଠୀ ଓ ସମାଜିକ କର୍ମୀ ସଂଗ୍ରାମ କେଶରୀ ସ୍ୱାଇଁ, ଶଶିକାନ୍ତ ପଣ୍ଡା ଓ ପ୍ରେମାନନ୍ଦ ସେଠୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଆବାସ, ରାଶନକାର୍ଡ ଓ ଭତ୍ତାକୁ ମିଶାଇ ସମୁଦାୟ ୮୦ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ୪୬ଜଣ ବ୍ୟାଙ୍କ ଓ ଡାକ ବିଭାଗ ସ୍କିମ ପାଇଁ ଆବେଦନ କରିଥିବା ୨ ଜଣ ପିଏମ୍‌ଇଜିପି, ୧୧ ଜଣ ଏମ୍‌ଆଇପି ଓ ୧୮ ଜଣଙ୍କ ବ୍ୟାଙ୍କ ସଂଯୋଗୀକରଣ କରାଯାଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପଟ୍ଟାମୁଣ୍ଡାଇ ତହସିଲଦାର ସମୀର ବେହେରା, ମିଶନଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ, ଜୀବିକା ମିଶନ ସଂଯୋଜିକା ସୁଶ୍ରୀ ସଙ୍ଗୀତା ଭୂୟାଁ, ଏସଇଓ ଉଦାର ସୁନ୍ଦର ସ୍ୱାଇଁ, ଯୋଗାଣ ନିରୀକ୍ଷକ ମଧୁସ୍ମିତା ଜେଟି, ବ୍ଲକ ସମାଜ କଲ୍ୟାଣ ଅଧିକାରିଣୀ ସସ୍ମିତା ନାୟକ, ବ୍ଲକ ଉଦ୍ୟାନ ଅଧିକାରୀ, ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ, ପଞ୍ଚାୟତ ଜିଆରଏସ୍ ପ୍ରଶାନ୍ତ ସାହୁ ଓ ଦେବାଶିଷ ପଣ୍ଡା ପ୍ରମୁଖ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ । ନୂତନ ଭାବେ ନିର୍ମିତ ହୋଇଥିବା ପ୍ରାଣୀଧନ କେନ୍ଦ୍ରରେ ପଶୁଧନ ନିରୀକ୍ଷକ ନିଯୁକ୍ତି ପାଇଁ ବ୍ୟବସ୍ଥା କରାଯାଇଥିଲା।

# ପଞ୍ଚାୟତକୁ ଆସୁନାହାନ୍ତି ଗ୍ରାମ୍ୟ କୃଷି କର୍ମଚାରୀ

**ପଟ୍ଟାମୁଣ୍ଡାଇ,୪।୯(କଳ୍ପତରୁ ନାୟକ)**

ରାଜ୍ୟ ସରକାରଙ୍କ ପକ୍ଷରୁ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ବହୁବିଧ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏପରିକି ତୃଣମୂଳସ୍ତରରେ ଥିବା ଚାଷୀଙ୍କ କୃଷି ସମ୍ପର୍କିତ ସମସ୍ୟା ଦୂର କରିବା ପାଇଁ ଗ୍ରାମ୍ୟ କୃଷି କର୍ମଚାରୀଙ୍କୁ ନିଯୋଜିତ କରାଯାଇଛି। ତେବେ ଏହା କେତେ ମାତ୍ରାରେ କାର୍ଯ୍ୟକାରୀ ହେଉଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚାଷୀଙ୍କ ଉନ୍ନତି ପାଇଁ ସରକାରୀ ତହବିଲରୁ ବହୁ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ କୃଷକଙ୍କ ସମସ୍ୟାର କୌଣସି ଉନ୍ନତି ପରିଲକ୍ଷିତ ହେଉନାହିଁ। ଏହାର ଉଦାହରଣ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକରେ ଦେଖିବାକୁ ମିଳିଛି। ଏଠାରେ କୃଷି କାର୍ଯ୍ୟାଳୟ ତଥା କୃଷି ପରାମର୍ଶ କେନ୍ଦ୍ର ପକ୍ଷରୁ ପଞ୍ଚାୟତସ୍ତରରେ ଚାଷୀମାନଙ୍କୁ ଚାଷ ସମ୍ବନ୍ଧୀୟ ସୂଚନା ପ୍ରଦାନ ପାଇଁ ଗ୍ରାମ୍ୟ କୃଷି କର୍ମଚାରୀ (ଭିଏଡବ୍ଲ୍ୟୁ)ଙ୍କୁ ନିୟୋଜିତ କରାଯାଇଛି। କିନ୍ତୁ ବହୁ ସମୟରେ ସେମାନଙ୍କ ଦେଖା ମିଳୁ ନ ଥିବା ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି। କୃଷି ସମ୍ବନ୍ଧୀୟ କୌଣସି ତଥ୍ୟ କିମ୍ବା ପରାମର୍ଶ ଜାଣିବାକୁ ଚାହିଁଲେ ସେମାନଙ୍କୁ ପାଇବା କଷ୍ଟକର ବ୍ୟାପାର ବୋଲି ଅନେକ ଚାଷୀ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ପଟ୍ଟାମୁଣ୍ଡାଇ କୃଷି କାର୍ଯ୍ୟାଳୟ ଅଧୀନ ୩୧ ପଞ୍ଚାୟତ ପାଇଁ ମାତ୍ର ୫ଜଣ ଭିଏଡବ୍ଲ୍ୟୁ ଅଛନ୍ତି। ଜଣେ ଭିଏଡବ୍ଲ୍ୟୁଙ୍କ ଅଧୀନରେ ୬ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଦାୟିତ୍ୱ ରହିଛି। ସମ୍ପୃକ୍ତ କର୍ମଚାରୀମାନଙ୍କୁ ଫୋନ କଲେ ଉଠାଉନାହାନ୍ତି। ଯଦି କେହି ଫୋନ ଧରିଲେ ତାହା ହେଲେ ଫିଲ୍ଡରେ ଥିବା କହି କାଟି ଦେଉଛନ୍ତି। ଏଭଳି ପରିସ୍ଥିତିରେ ଚାଷୀ ନିଜ ସମସ୍ୟାର ସମାଧାନ ପାଇଁ ଡହଳବିକଳ ହେଉଛନ୍ତି। ଏହି କାର୍ଯ୍ୟରେ ଖିଲାପ କରୁଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ କୃଷକ ନେତା ବିଜୟ ଦାସ, ଚାଷୀ ସୁରେନ୍ଦ୍ର ପରିଡ଼ା, ରଞ୍ଜିତ ପ୍ରଧାନ, ସୁଶାନ୍ତ ସାମଲ, ଅଜୟ ନାୟକ, ବିଘ୍ନେଶ୍ୱର ପ୍ରଧାନ, ନରେନ୍ଦ୍ର ଧଳ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଅତିରିକ୍ତ କୃଷି ଅଧିକାରୀ ଶରତ ନାୟକଙ୍କୁ ପଚାରିବାରେ ଆବଶ୍ୟକ ମୁତାବକ କର୍ମଚାରୀଙ୍କ ଅଭାବ ତଥା ଜଣେ ଭିଏଡବ୍ଲ୍ୟୁଙ୍କ ଅଧୀନରେ ୬ରୁ ଅଧିକ ପଞ୍ଚାୟତ ରହୁଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏଥିରେ ସୁଧାର ଆଣିବା ପାଇଁ ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି।


ପଟ୍ଟାମୁଣ୍ଡାଇ ବ୍ଲକରେ ଥିବା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୫ ସେପ୍ଟେମ୍ବର, ୨୦୨୩



## ସଂକ୍ଷେପରେ

### ମକା ବାରିରୁ ମହିଳାଙ୍କ ମୃତଦେହ ଜବତ

ଦଶପଲ୍ଲା,୪।୯(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକେରା ରଥୀପୁର ଗ୍ରାମର ସୀତା ମାଝି (୩୪)ଙ୍କ ମୃତଦେହକୁ ଗ୍ରାମ ନିକଟସ୍ଥ ଏକ ମକା ବାରିରୁ ପୋଲିସ ଜବତ କରିଛି । ସେ ବିଷ ପିଇ ଆତ୍ମହତ୍ୟା କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି । ସୀତା ରବିବାର ଅପରାହ୍ଣରେ ଘରୁ ବାହାରି ଥିଲେ । ହେଲେ ଆଉ ଫେରି ନ ଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ । ସୋମବାର ଅପରାହ୍ଣ ୩ଟା ସମୟରେ ଗ୍ରାମ ନିକଟସ୍ଥ ଏକ ମକା ବାରିରେ ଜଣେ ମହିଳାଙ୍କ ମୃତ ଦେହ ପଡିଥିବା ଗାଁର କେତେଜଣ ଲୋକ ଦେଖିଥିଲେ । ଏ ସଂକ୍ରାନ୍ତରେ ପୋଲିସକୁ ଖବର ଦେଇଥିଲେ । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

### ବଜ୍ରପାତରେ ଚାଷୀ ମୃତ

ନୟାଗଡ଼/ରଣପୁର,୪।୯
(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ରଣପୁର ତହସିଲ ଲେମ୍ବୁଡି ଗହୀରରେ ଜଣେ ଚାଷୀଙ୍କ ମୃତଦେହ ସୋମବାର ରାତିରେ ଜବତ କରାଯାଇଛି । ମୃତକ ହେଲେ ବାବୁଲି ନାୟକ(୩୫)। ଘର ଲେମ୍ବୁଡି ଗାଁରେ। ବାବୁଲି ସୋମବାର ଅପରାହ୍ଣ ୫ଟାରେ ବିଲକୁ ଯାଇଥିଲେ। ଏହାର ଅଳ୍ପ ସମୟ ପରେ ବଜ୍ରପାତ ହେବାରୁ ବାବୁଲି ବିଲରେ ଟଳି ପଡିଥିଲେ। ହେଲେ କେହି ଜାଣି ପାରି ନ ଥିଲେ । ବହୁ ଖୋଜାଖୋଜି ପରେ ବିଲରୁ ତାଙ୍କୁ ଉଦ୍ଧାର କରାଯାଇ ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ମୃତ ଘୋଷଣା କରିଥିଲେ।

### ଆଶ୍ରୟ ସାହିତ୍ୟ ମଞ୍ଚ ଶୁଭାରମ୍ଭ

**ଶରଣକୁଳ,୪।୯(ଦୀପକ କର):** ନୟାଗଡ଼ ଜିଲା ଶରଣକୁଳସ୍ଥିତ ଆଶ୍ରୟ ଦିବ୍ୟାଙ୍ଗ ସେବା ଗ୍ରାମ ପରିସର ସମ୍ମିଳନୀ କକ୍ଷରେ ଦିବ୍ୟାଙ୍ଗ ଏବଂ ସାଧାରଣ ବର୍ଗର କବି, ଗୀତିକାର, ଗାଳ୍ପିକ, ସାହିତ୍ୟିକ, ଲେଖକ,ଗବେଷକ ଓ ଅନୁବାଦକମାନଙ୍କ ଉପସ୍ଥିତିରେ ଆଶ୍ରୟ ସାହିତ୍ୟ ମଞ୍ଚ ଶୁଭାରମ୍ଭ ହୋଇଛି । ଏହି ଅବସରରେ ଶରଣକୁଳ ସାହିତ୍ୟ ସଂସଦର ଷଷ୍ଠ ମାସିକ ସାହିତ୍ୟ ଆସର ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସାହିତ୍ୟିକମାନେ ଯୋଗଦେଇଥିଲେ । ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାମାନେ ସମାଜରେ କି ଭଳି ସାହିତ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିବେ ଏହା ହିଁ ଆଶ୍ରୟ ସାହିତ୍ୟ ମଞ୍ଚର ମୁଖ୍ୟ ଲକ୍ଷ୍ୟ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଲୋକନାଥ ଦାଶ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୈକୁଣ୍ଠ ନାଥ ପ୍ରଧାନ, ମୁରଲୀଧର ମହାରଣା, ଭାବଗ୍ରାହୀ କର, ବ୍ରଜକିଶୋର ମହାପାତ୍ର, ରବିନ୍ଦ୍ର କୁମାର ଦାଶ, ବିଷ୍ଣୁପ୍ରିୟା ମହାପାତ୍ର, ବ୍ରଜ କିଶୋର ପ୍ରଧାନ, ପାଣ୍ଡବ ନାୟକ, ଅଲେଖ ନାୟକ, ରଞ୍ଜନ କୁମାର ମହାପାତ୍ର, ପ୍ରଭାତ କୁମାର ପାଳ, କାର୍ତ୍ତିକ ମୁଦୁଲି, ମୀନକେତନ ଷଡ଼ଙ୍ଗୀ, ପୂର୍ଣ୍ଣଚନ୍ଦ୍ର ମିଶ୍ର ଏବଂ କୈଳାସ ଚନ୍ଦ୍ର ଖଟେଇ ପ୍ରମୁଖ ଉପସ୍ଥିତ ଥିଲେ । ରାମକୃଷ୍ଣ ମହାରଣା ସଂଯୋଜନା କରିଥିବା ବେଳେ ପ୍ରଫୁଲ ନାହାକ, ଭାଗୀରଥି ସାହୁ, ଆନନ୍ଦ ଚନ୍ଦ୍ର ପାଢ଼ୀ, ଅନୀଲ କୁମାର ପ୍ରଧାନ, ଦିଲୀପ କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ଦେବରାଜ ବିଶୋଇଙ୍କ ଗୀତି ବିଥିକା ପୁସ୍ତକ ଲୋକର୍ପଣ କରାଯାଇଥିଲା । ଚିତ୍ତରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

### ଝାଡ଼ଖଣ୍ଡରେ ଟାଇକୋଣ୍ଡୋ ଚାମ୍ପିୟନଶିପ୍

**ନୟାଗଡ଼ର ପ୍ରିୟାଂଶୁଙ୍କୁ ସ୍ୱର୍ଣ୍ଣ ପଦକ ଓ ଇଟାମାଟିର ଆଶିଷଙ୍କୁ ରୌପ୍ୟ**

ନୟାଗଡ଼,୪।୯ (ଲୋକନାଥ ମିଶ୍ର)

ଚଳିତ ମାସ ୨ରୁ ଝାଡ଼ଖଣ୍ଡର ରାଞ୍ଚିଠାରେ ଆରମ୍ଭ ହୋଇଥିବା ୧୪ତମ ଭଗବାନ ବିର୍ସାମୁଣ୍ଡା ଜାତୀୟ ଓପନ ଟାଇକୋଣ୍ଡ ଚମ୍ପିୟାନଶିପ ସୋମବାର ଉଦଯାପିତ ହୋଇଯାଇଛି। ଏଥିରେ ନୟାଗଡ଼ ମାର୍ଶାଲ ଆର୍ଟ ଆକାଡେମୀର ଛାତ୍ର ପ୍ରିୟାନସୁ ପାଲ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ଇଟାମାଟି ପୃଥିବୀ ଟାଇକୋଣ୍ଡ ଆକାଡେମି ର ଛାତ୍ର ଆସିସ ସାହୁ ରୌପ୍ୟ ପଦକ ପାଇ ନୟାଗଡ଼ ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ନୟାଗଡ଼ ଓ ଇଟାମାଟିର ୮ ଛାତ୍ର, ୨ କୋଚ ପୃଥିବୀ ରାୟଗୁରୁ ଓ ଶିବାନନ୍ଦ ରାୟଗୁରୁଙ୍କ ସହ ଓଡ଼ିଶା ଟାଇକୋଣ୍ଡ ଆସୋସିଏଶନ ଅଧୀନରେ ଝାଡ଼ଖଣ୍ଡ ଯାତ୍ରା କରି ଜିଲା ପାଇଁ ସଫଳତା ସାଉଁଟିଛନ୍ତି।

# କାଦୁଆ ରିଟେଲର ପଏଣ୍ଟରେ ଦୁର୍ନୀତି

ନୟାଗଡ/ଖଣ୍ଡପଡା,୪।୯
(ଲୋକନାଥ ମିଶ୍ର/ଅଜୟ କୁମାର ମହାରଣା)

- ହିତାଧିକାରୀଙ୍କ ୪ମାସର ଚାଉଳ ହଡ଼ପ
- ଅଭିଯୋଗ ପରେ ଚାଉଳ ବଣ୍ଟନ ଆରମ୍ଭ
- ଷ୍ଟକ ତଦନ୍ତ ବଦଳରେ ଦୁର୍ନୀତିଙ୍କୁ ଚପି ଦିଆଗଲା
- ପୁରୁଣା ବଣ୍ଟନ ହୋଇ ନ ଥିବାବେଳେ ନୂଆ ୩ ମାସର ମଞ୍ଜୁର

ନୟାଗଡ ଜିଲା ଖଣ୍ଡପଡା ବ୍ଲକ ବେଣାଗାଡିଆ ପଞ୍ଚାୟତର କାଦୁଆ ରିଟେଲର ପଏଣ୍ଟରେ ରାଶନ ଚାଉଳ ୪ମାସର ହଡପ ହୋଇଥିବାର ଅଭିଯୋଗ ହୋଇଛି । ଅଭିଯୋଗ ପରେ ରିଟେଲର ତରବରିଆ ହୋଇ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ ଆରମ୍ଭ କରଥିବା ଦେଖିବାକୁ ମିଳିଛି । ତେବେ ବଣ୍ଟନ ହେଉଥିବା ଚାଉଳ ପୂର୍ବ ମାସର କି ନୂଆ ମାସର ତାହା ତଦନ୍ତ ହେଉନି । ଖଣ୍ଡପଡ଼ା ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ରିଟେଲରଙ୍କୁ ସହଯୋଗ କରାଯାଇ ଘଟଣାକୁ ଚାପି ଦେବାକୁ ପ୍ରାୟସ କରାଯାଉଥିବା ଅଭିଯୋଗ ହୋଇଛି । ଏପରି କି ଅନିୟମିତତାକୁ ଲୁଚାଇବା ପାଇଁ ଆଗୁଆ ୩ମାସର ଚାଉଳ ଦେଇ ଅନିୟମିତତାର ଫାଇଲକୁ ଶୀତଳଭଣ୍ଡାରକୁ ଫୋପାଡି ଦିଆଗଲାଣି ବୋଲି ଅଭିଯୋଗ ଉଠିଛି । ଏଭଳିସ୍ଥଳେ ରିଟେଲର ଓ ବ୍ଲକ ଯୋଗାଣ ଅଧିକାରୀ ସନ୍ଦେହଘେରକୁ ଆସିଛନ୍ତି । ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଜିଲା ଯେଗାଣ ଅଧିକାରୀ ଓ ଜିଲାପାଳ ହସ୍ତକ୍ଷେପ କରି ତଦନ୍ତ କରିବାକୁ ହିତାଧିକାରୀମାନେ ଦାବି କରିଛନ୍ତି ।

ଅଭିଯୋଗ ଅନୁସାରେ କାଦୁଆ ରିଟେଲର ପଏଣ୍ଟରେ ରହିଛନ୍ତି କାଦୁଆ, ବେଣାଗାଡିଆ ଓ ତେନ୍ତୁଳିଆପଲ୍ଲୀ ଗାଁର ରାଶନ କାର୍ଡଧାରୀ । ଏଠାର ରିଟେଲର ପ୍ରତି ଗାଁକୁ ଯାଇ ରାଶନ ଉପକରଣ ବଣ୍ଟନ କରିଥାଏ । ତେବେ ୩ଟି ଗାଁର ହିତାଧିକାରୀ ମେ, ଜୁନ, ଜୁଲାଇ ଓ ଅଗଷ୍ଟ ମାସର ଚାଉଳ ପାଇ ନ ଥିଲେ । ହିତାଧିକାରୀମାନେ ବିଭିନ୍ନ ସମୟରେ ଚାଉଳ ପାଇଁ ରିଟେଲର ପଏଣ୍ଟକୁ ଯାଇ ଫେରୁଥିଲେ । ସରକାର ଚାଉଳ ପଠାଇ ନାହାନ୍ତି ବୋଲି ରିଟେଲର ବିଭିନ୍ନ ସମୟରେ ସଫେଇ ଦେଇ ହିତାଧିକାରୀଙ୍କୁ ଫେରାଉଥିଲେ । ହେଲେ ୪ମାସର ଚାଉଳ ବିକ୍ରି ହୋଇଥିବାର ଜଣାପଡିବା ପରେ ଖାଉଟି ପ୍ରତିବାଦ କରି ରିଟେଲର ବିରୋଧରେ ଅଭିଯୋଗ କରିଥିଲେ । ପ୍ରଥମେ କାଦୁଆର କିଛି ରାଶନ କାର୍ଡଧାରୀ ଖଣ୍ଡପଡା ବ୍ଲକ ଯୋଗାଣ ନୀରିକ୍ଷକ, ବିଡିଓ ଓ ଜିଲା ଯୋଗାଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ରାଶନକାର୍ଡଧରି ପ୍ରତିବାଦ କରିଥିଲେ । ତେବେ କାଦୁଆ ରାଶନ କାର୍ଡଧାରୀଙ୍କ ଅଭିଯୋଗ ପରେ ଜିଲା ଯୋଗାଣ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ଯୋଗାଣ ନିରୀକ୍ଷକ ସୁବାସ ଚନ୍ଦ୍ର ବିଶ୍ୱାଳ ଘଟଣାରେ ତଦନ୍ତ କରିଥିଲେ । ଏପରିକି ଚାଉଳ ବଣ୍ଟନ କରାଯାଇ ନ ଥିବାରୁ ରିଟେଲରଙ୍କୁ ତାଗିଦା କରିବା ସହ ନିଜେ ଉପସ୍ଥିତ ରହି ଗତ ୪ଦିନ ତଳେ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କାର୍ଯ୍ୟ ଆରମ୍ଭ କରିଥିଲେ । ଏନେଇ କେତେଜଣ ରାଶନ କାର୍ଡଧାରୀ ନିଜ ନାଁ ଗୋପନ ରଖି କହିଛନ୍ତି କାଦୁଆ ରିଟେଲର ପଏଣ୍ଟର ୩ଟି ଗାଁରେ ୪ମାସର ରାଶନ ଚାଉଳ ବିକ୍ରି କରାଯାଇଛି । ହୋହାଲା, ପାଟିତୁଣ୍ଡ ଓ ଅଭିଯୋଗ ପରେ ଚାଉଳ ବଣ୍ଟନ ଆରମ୍ଭ ହୋଇଛି । ତେବେ ରିଟେଲରଙ୍କୁ ସେପ୍ଟେମ୍ବର, ଅକ୍ଟୋବର, ନଭେମ୍ବର ମାସର ଆଗୁଆ ଚାଉଳ କାହିଁକି ଦିଆଗଲା । ତାଙ୍କର ମେ, ଜୁନ, ଜୁଲାଇ ଓ ଅଗଷ୍ଟ ମାସର ଷ୍ଟକ କାହିଁକି ଚେକ୍ କରାଗଲାନି । ଜଣେ ରିଟେଲର ପୁରୁଣା ୪ମାସର ଚାଉଳ ହିତାଧିକାରୀଙ୍କୁ ବଣ୍ଟନ କରି ନ ଥିବାବେଳେ ଆଗୁଆ ପୁଣି ୩ମାସର ଚାଉଳ ପ୍ରଦାନ କରିବା ଦୁର୍ନୀତିକୁ ସହଯୋଗ କରୁଥିବା ପ୍ରମାଣିତ କରିଛି । ରିଟେଲର ଆଗୁଆ ୩ମାସର ଚାଉଳକୁ ନେଇ ଆଡଜଷ୍ଟ କରି ଖାଉଟିଙ୍କୁ ବଣ୍ଟନ କରିଛି । ଅନ୍ୟପକ୍ଷେ ହିତାଧିକାରୀଙ୍କ ବାରମ୍ବାର ଅଭିଯୋଗ ପରେ ବି ବ୍ଲକ ଅଥବା ଜିଲା ଯୋଗାଣ ବିଭାଗ ପକ୍ଷରୁ ରିଟେଲରଙ୍କ ଷ୍ଟକ ଚେକ୍ କରାଯାଉ ନାହିଁ । ହିତାଧିକାରୀଙ୍କୁ ଯେଉଁ ଚାଉଳ ପ୍ରଦାନ କରାଯାଉଛି ସେ ବସ୍ତାରେ ଚାଉଳ ବିକ୍ରି ପାଇଁ ନୁହେଁ ଉଲ୍ଲେଖ ରହିଛି । ଏଣୁ ବାହାରୁ ଚାଉଳ କିଣି ରିଟେଲର ପଏଣ୍ଟରେ ଦେବା ପାଇଁ ପ୍ରାସ ଫସର ଫାଟି ଯାଇଛି । ଏଣୁ ରିଟେଲରଙ୍କ ଷ୍ଟକ ଚେକ୍ କଲେ ଅନେକ ଗୁମର ଫିଟନ୍ତା । ହେଲେ ବ୍ଲକ ଯୋଗାଣ ଅଧିକାରୀ ରିଟେଲରଙ୍କୁ ସହଯୋଗ କରୁଥିବାରୁ ଦୁର୍ନୀତି ଚପି ଯାଇଛି । ଏହାର ତଦନ୍ତ ହେବା ଦରକାର ବୋଲି କହିଛନ୍ତି । ଏନେଇ ରିଟେଲର ଅଇରା ବିଶ୍ୱାଳଙ୍କ ସହ ଯୋଗାଯୋଗ କରିବାରେ ଦେହ ଅସୁସ୍ଥ ଥିବାରୁ ଖାଉଟି ସାମଗ୍ରୀ ବାଣ୍ଟିବାରେ ବିଳମ୍ବ ହୋଇଥିବା କହିଛନ୍ତି । ଚାଉଳ ବଣ୍ଟନରେ ଅନିୟମିତତାର ଅଭିଯୋଗ ସତ୍ତ୍ୱେ ନୁହେଁ ବୋଲି ସଫେଇ ଦେଇଛନ୍ତି । ସେହିପରି ଯେଉଁ ହିତାଧିକାରୀ ଚାଉଳ ପାଇ ନ ଥିଲେ ସେମାନଙ୍କୁ ଚାଉଳ ବଣ୍ଟନ କରାଯାଉଛି ବୋଲି ସୂଚନା ଦେଇଥିଲେ । ଜିଲା ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର କୁମାର ମହାନ୍ତି କୁହନ୍ତି, କାଦୁଆ ରିଟେଲରଙ୍କ ନାଁରେ ଅଭିଯୋଗ କିଛି ପାଇ ନାହାନ୍ତି । ତେବେ ଚାଉଳ ବିକ୍ରି ଘଟଣା, ଚାଉଳ କାହିଁକି ୩ ମାସ ହେଲା ଦିଆ ଯାଇନଥିଲା, ଆଗୁଆ ୩ମାସର ଚାଉଳ ଦେବା ପ୍ରସଙ୍ଗ ଉପରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

## ରୋହିବାଙ୍କ ସରପଞ୍ଚଙ୍କ ଦୁର୍ନୀତି ବିରୋଧରେ ଆଜି ଭାଜପାର ଅଖଚକ ବନ୍ଦ ନିଷ୍ପତ୍ତି

ଓଡ଼ଗାଁ,୪।୯(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ରୋହିବାଙ୍କ ସରପଞ୍ଚ ମହନ୍ତ ବେହେରାଙ୍କ ଦୁର୍ନୀତିକୁ ବିରୋଧ କରି ଜିଲା ଭାଜପା ଆନ୍ଦୋଳନ ଡାକରା ଦେଇଛି । ଏନେଇ ଜିଲା ଭାଜପା ସଭାପତି ଲାଲା ମନୋଜ ରାୟ ଜିଲା ତଥା ବ୍ଲକ ପ୍ରଶାସନ ସହିତ ପୋଲିସ ପ୍ରଶାସନକୁ ରେଜେଷ୍ଟ୍ରି ଡାକ ମାଧ୍ୟମରେ ଏ ସଂକ୍ରାନ୍ତରେ ଜଣାଇଛନ୍ତି । ଜିଲା ସଭାପତି ରାୟ ତାଙ୍କ ପତ୍ରରେ ଦର୍ଶାଇଛନ୍ତି, ରୋହିବାଙ୍କ ସରପଞ୍ଚ ଶାସକ ଦଳର ସମର୍ଥକ ହୋଇଥିବାରୁ ନାନା ଦୁର୍ନୀତିରେ ଲିପ୍ତ ରହିବା ସହିତ ପଞ୍ଚାୟତରେ ଗୁଣ୍ଡାରାଜ ଚଳାଇଛନ୍ତି । ପଞ୍ଚାୟତ ଅଧୀନରେ ଥିବା ଏ୫.୧୦ଡି ପରିମିତ କାଜୁ ବଗିଚାକୁ ପ୍ରତିବର୍ଷ ନିଲାମ କରିବାକୁ ଉପଜିଲାପାଳ ୨୨।୯।୨୦୧୮ରେ ପଞ୍ଚାୟତକୁ ନିର୍ଦ୍ଦେଶ ଦେଇଥିବା ବେଳେ ସେ ପ୍ରଶାସନିକ ନିର୍ଦ୍ଦେଶକୁ ଅଣଦେଖା କରିବା ସହିତ କାଜୁ ବଗିଚା ନିଲାମ ନ କରି ଆଦାୟ ଅର୍ଥ ଆତ୍ମସାତ କରୁଛନ୍ତି। ମହେଶ୍ୱରପୁରଠାରୁ ନାଉରିଆଗଡା ଓ ରୋହିବାଙ୍କଠାରୁ ଜୟମଙ୍ଗଳପ୍ରସାଦ ରାସ୍ତା ନିର୍ମାଣ ପାଇଁ ମଞ୍ଜୁର ହୋଇଥିବା ୫ ଲକ୍ଷ ଟଙ୍କା ସରକାରୀ ଅନୁଦାନ ଫଲସ ବିଲ ମାଧ୍ୟମରେ ଆତ୍ମସାତ୍ ହୋଇଛି । ସେହିପରି ଖାଉଟି ସାମଗ୍ରୀ ଯୋଗାଣରେ ନାନା ଅନିୟମିତତା କରାଯାଇଛି । ମୃତ କିମ୍ବା ଅନ୍ୟତ୍ର ବିବାହ କରିଥିବା ଲୋକଙ୍କ ପରିବାରକୁ ଚାଉଳ ନ ଦେଇ ବିକ୍ରି ଅର୍ଥ ନିର୍ବାହୀ ଅଧିକାରୀଙ୍କ ସହିତ ଚଲୁ କରିଛନ୍ତି। ନିଜେ ସରପଞ୍ଚ ବେହେରା ଅନ୍ୟ ଜଣେ ମହିଳାଙ୍କ ସହିତ ମିଶି ୧୮।୭।୨୦୨୩ରେ ଜଣେ ବାଳକ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଦୋକାନରୁ ଭିଡି ଆଣି ଗୋଡାଇ ଗୋଡାଇ ପାଇପରେ ପିଟିବା ଘଟଣା ଥାନାରେ ତଦନ୍ତଧୀନ ରହିଛି । ହେଲେ ପୋଲିସ ଏଯାବତ୍ ସଂପୃକ୍ତ ସରପଞ୍ଚଙ୍କୁ ଗିରଫ କରିନାହିଁ । ଏନେଇ ଜିଲା ଭାଜପା ସଭାପତି ପ୍ରଶାସନର ଦୃଷ୍ଟି କରିବା ସହିତ ମଙ୍ଗଳବାର ରୋହିବାଙ୍କରେ ଅଖ ଚକ ବନ୍ଦ କରାଯିବ ବୋଲି ଜଣାଇଛନ୍ତି । ହେଲେ ଏନେଇ ସରପଞ୍ଚ ବେହେରାଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ୨୮ କେଜି ଗଞ୍ଜେଇ ଜବତ



ନୟାଗଡ଼,୪।୯(ଲୋକନାଥ ମିଶ୍ର)

- ସରକାରୀ ବସ୍‌ରେ ବିକ୍ରି ପାଇଁ ଆସୁଥିଲା
- ୨ ମହିଳାଙ୍କ ସମେତ ଗଞ୍ଜେଇ ବ୍ୟବସାୟୀ ଜେଲ ଗଲେ

ନୟାଗଡ଼ ମୋବାଇଲ ସ୍କ୍ୱାର୍ଡ ପକ୍ଷରୁ ନୟାଗଡ଼ ବ୍ଲକ ତୁଳସୀପୁର ସାଇ ମନ୍ଦିର ନିକଟରୁ ୨୮ କେଜି ଗଞ୍ଜେଇ ଜବତ କରାଯାଇଛି । ଏହି ଘଟଣାରେ ୨ ମହିଳାଙ୍କ ସମେତ ୩ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ପରେ ପଶ୍ଚିମବଙ୍ଗ ନବଦୀପ ଥାନା ବାମନପୁକାର ଗାଁର ରେଜିନା ବିବି ଶେଖ୍(୫୨) ଓ ବର୍ଦ୍ଧମାନ ଥାନା ଲକ୍ଷ୍ମୀପୁର ମ୍ୟାଥ୍ ଗାଁର ଦୌପଦୀ ଚୌଧୁରୀ(୫୭), କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଗୁରୁପଡା ଗାଁର ରାହୁଲ ନାୟକ(୨୭)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ରେଜିନା ବିବିଙ୍କଠାରୁ ୯ କେଜି, ଦୌପଦୀ ଚୌଧୁରୀଙ୍କଠାରୁ ୪ କେଜି ଓ ରାହୁଲ ନାୟକଙ୍କଠାରୁ ୧୫ କେଜି ଗଞ୍ଜେଇ ଜବତ ହୋଇଛି । ୩ ଗଞ୍ଜେଇ ବ୍ୟବସାୟୀ ଗଞ୍ଜେଇ ନେଇ ଫୁଲବାଣୀରୁ ଭୁବନେଶ୍ୱର ସରକାରୀ ବସରେ ଯାଉଥିଲେ । ଖବର ପାଇ ନୟାଗଡ଼ ମୋବାଇଲ ସ୍କ୍ୱାର୍ଡ ପକ୍ଷରୁ ଚଢ଼ାଉ ହୋଇଥିଲା । ଗଞ୍ଜେଇ ବ୍ୟବସାୟୀମାନେ ତୁଳସୀପୁରଠାରେ ଓହ୍ଲାଇଥିଲେ । ନୟାଗଡ଼ ମୋବାଇଲ ସ୍କ୍ୱାର୍ଡ ସେମାନଙ୍କୁ କାବୁ କରି ନେଇଥିଲା । ଏନେଇ ନୟାଗଡ଼ ମୋବାଇଲ ସ୍କ୍ୱାର୍ଡ ଆଇଆଇସି ଭକ୍ତବଲ୍ଲଭ ବର୍ମା କୁହନ୍ତି, ଚଢ଼ାଉ ପୂର୍ବରୁ ସରକାରୀ ବସରୁ ଗଞ୍ଜେଇ ବ୍ୟବସାୟୀ ଓହ୍ଲାଇ ପଡିଥିଲେ । ୩ ବ୍ୟବସାୟୀଙ୍କ ଠାରୁ ୨୮ କେଜି ଗଞ୍ଜେଇ ଜବତ କରାଯିବା ସହ ୧୬୫/୨୩, ୭୫/ ୨୩ ଓ ୧୬୭/୨୩ରେ ୩ଟି ମାମଲା ରୁଜୁ ହୋଇଛି।

### ଏକ୍ସପ୍ରେସ ବସରେ ହେଉଛି ଗଞ୍ଜେଇ ଚାଲାଣ

କନ୍ଧମାଳରୁ ଭୁବନେଶ୍ୱର ଯାଉଥିବା ଏକ୍ସପ୍ରେସ ବସ ଓ ଓଏସ୍‌ଆରଟିସି ବସ୍‌ରେ ଗଞ୍ଜେଇ ଚାଲାଣ ହେଉଥିବାର ଅଭିଯୋଗ ହୋଇ ଆସୁଛି । ବିଭିନ୍ନ ସମୟରେ ଉକ୍ତ ବସ୍‌ରୁ ଗଞ୍ଜେଇ ଜବତ ହେଉଛି । ସୋମବାର ମଧ ଜବତ ହୋଇଛି । ବସ୍‌ର କର୍ମଚାରୀଙ୍କ ଜ୍ଞାତ ସାରରେ ଗଞ୍ଜେଇ ଚାଲାଣ ହୋଇ ଆସୁଛି ବୋଲି ଅଭିଯୋଗ ହେଉଛି । ତେବେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ କେବେହେଲେ ବସର କର୍ମଚାରୀମାନଙ୍କୁ ପଚରାଉଚୁରା କରାଯାଉନି । ଏଣୁ ଗଞ୍ଜେଇ ଚାଲାଣ ବଢ଼ି ଚାଲିଛି।

## ‘ମୋ ଘର’ ଯୋଜନାରେ ପ୍ରଥମ କାର୍ଯ୍ୟାଦେଶ ପ୍ରଦାନ




ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ସହିତ ସହାୟତା ରାଶି ପ୍ରଦାନ କରାଯାଉଛି।

ଖଣ୍ଡପଡ଼ା,୪।୯(ଅଜୟ କୁମାର ମହାରଣା)

ଗରିବ ହିତାଧିକାରୀଙ୍କୁ ସରଳ ଓ ସହଜ ଉପାୟରେ ପକ୍କା ବାସଗୃହ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ‘ମୋ ଘର’ ଯୋଜନା କ୍ରମେ ବିଭିନ୍ନ ଜାତୀୟକରଣ ବ୍ୟାଙ୍କ ଶାଖା ଜରିଆରେ ଏ ବାବଦରେ ୩ଲକ୍ଷ ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା କରିଛନ୍ତି । ଏ ପରିପ୍ରେକ୍ଷୀରେ ‘ମୋ ଘର’ ଯୋଜନାରେ ଗୃହ ନିର୍ମାଣ ନିମନ୍ତେ ଅନ୍‌ଲାଇନରେ ଆବେଦନ କରିଥିବା ବ୍ୟକ୍ତିଙ୍କ ମଧ୍ୟରୁ ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଗ୍ରାମର ଅଜୟ କୁମାର ସାହୁଙ୍କୁ ପ୍ରଥମ କରି କାର୍ଯ୍ୟାଦେଶ ପତ୍ର ସହ ଅର୍ଥରାଶି ପ୍ରଦାନ କରାଯାଇଛି । ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ଅରୁଣିମା ସାହୁ, ଷ୍ଟେଟ ବ୍ୟାଙ୍କ ଖଣ୍ଡପଡ଼ା ଶାଖାର କ୍ଷେତ୍ର ପରିଚାଳକ ମନ ମୋହନ ଦାସ ଓ ପ୍ରଶାନିକ ଅଧିକାରୀଙ୍କ ଉପସ୍ଥିତିରେ ସାହୁଙ୍କୁ ସୋମବାର ମୋ ଘର ନିର୍ମାଣ ନିମନ୍ତେ ଅର୍ଥ ରାଶି ପ୍ରଦାନ କରାଯାଇଛି ।

## ଅଟୋ ଭିତରୁ ଡ୍ରାଇଭରଙ୍କ ମୃତଦେହ ଜବତ

**ବିଷ ପିଇ ଆତ୍ମହତ୍ୟା କରିବାର କାରଣ**

**ନୟାଗଡ,୪।୯(ଲୋକନାଥ ମିଶ୍ର):** ନୟାଗଡ ଶରଣକୁଳ ରାସ୍ତା ପାର୍ଶ୍ୱ ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟ ନିକଟରେ ଜଣେ ଅଟୋ ଡ୍ରାଇଭରଙ୍କ ମୃତଦେହ ସୋମବାର ପୂର୍ବାହ୍ଣରେ ଜବତ କରାଯାଇଥିଲା । ନୟାଗଡ ଟାଉନ ଥାନା ପୋଲିସ ମୃତଦେହକୁ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା । ଚିକିତ୍ସାଳୟରେ ମୃତକଙ୍କ ପରିଚୟ ଜଣାପଡିଥିଲା । ମୃତକ ହେଲେ ନବଘନପୁରର ଶରତ କୁମାର ବରାଡ। ବୟସ ୪୮ । ପୋଲିସ ସୂଚନା ଅନୁସାରେ ଶରତ କୁମାର ବରାଡ ରବିବାର ମଧ୍ୟାହ୍ନରୁ ଘରୁ ଆସି ଆଉ ଫେରି ନ ଥିଲେ । ରାତିରେ ଫୋନ କରିବାରୁ ଫୋନ ସୁଇଚ୍ ଅଫ୍ ଥିଲା । ପରିବାର ଲୋକ ଭାବି ନେଇଥିଲେ ଅଟୋ ଭଡା ନେଇ ଯାଇଥିବାରୁ ବିଳମ୍ବ ହେବାରୁ ଆସି ନ ଥିଲେ । ତେବେ ସୋମବାର ପୂର୍ବାହ୍ଣ ୮ଟାରେ ମୃତଦେହ ଉଦ୍ଧାର ହୋଇଥିଲା । ଅଟୋ ପଛ ପାଖେ ଶରତ ଶୋଇଥିଲେ । ଦେହ ଯାକ କଳା ରଙ୍ଗ ପଡି ଯାଇଥିଲା । ବିଷ ପାନ ଯୋଗୁ ମୃତ୍ୟୁ ହୋଇଥିବା କୁହାଯାଇଛି । କିନ୍ତୁ ଏହା ହତ୍ୟା ଘଟଣା ପରି ଜଣାପଡୁଥିଲା। ପୋଲିସ ଘଟଣାର ତଦନ୍ତ କରିବା ପରେ ବିଷ ପିଇ ଆତ୍ମହତ୍ୟା କରିଥିବାର ଜଣାପଡିଛି ।

## ୨ ବାଜାବାଲାଙ୍କୁ ଆଜୀବନ କାରାଦଣ୍ଡ

ନୟାଗଡ,୪।୯(ଲୋକନାଥ ମିଶ୍ର)

**ବାଣୀଗୋଛା ଗଣ ବଳାତ୍କାର ମାମଲା**

ନୟାଗଡ ପୋକ୍‌ସୋ କୋର୍ଟରେ ସୋମବାର ବାଣୀଗୋଛା ଗଣବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି । ପୋକ୍‌ସୋ କୋର୍ଟ ବିଚାରପତି ନିରଞ୍ଜନ ପଣ୍ଡା ୧୮ ସାକ୍ଷଙ୍କ ବୟାନ, ସାକ୍ଷ ପ୍ରମାଣ, ପୀଡ଼ିତାଙ୍କ ବୟାନ, ସରକାରୀ ଓ ପ୍ରତିପକ୍ଷ ଓକିଲଙ୍କ ଜବାବସୁଆଲ, ତଦନ୍ତକାରୀ ଅଧିକାରୀ ମୁକେଶ ବେହେରାଙ୍କ ତଦନ୍ତକୁ ବିଚାରକୁ ନେଇ ବାଜା ବାଲା ୨ ବଳାତ୍କାରୀ ବୌଦ୍ଧ ଜିଲା ହରଭଙ୍ଗା ଥାନା ଅରଖପଦର ଗାଁର ଶ୍ରୀକାନ୍ତ ନାୟକ(୨୩) ଓ ବାଣୀଗୋଛା ଥାନା ଜାମୁସାହିର ଶାନ୍ତିପନି ବେହେରା(୨୭)ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଅନ୍ୟପକ୍ଷେ ୩୦ ହଜାର ଟଙ୍କା ଲେଖାଏଁ ଜରିମାନା ଦୁଇ ଅଭିଯୁକ୍ତ ଦେବା ପାଇଁ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦୟେ ୬ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି । ସେହିପରି ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା ସହାୟତା ରାଶି ଦେବା ପାଇଁ ଜିଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

୨୦୨୨ ମେ ୧୦ ତାରିଖରେ ଦଶପଲ୍ଲା ଅଞ୍ଚଳର ୧୧ ବର୍ଷର ନାବାଳିକା ବାପା ମାଙ୍କ ସହ ବାଣିଗୋଛା ଥାନା ସୁନାରିପଦର ଗାଁକୁ ଏକ ବିବାହ ଭୋଜିରେ ଯୋଗ ଦେବାକୁ ଆସିଥିଲେ । ବିବାହ ଶୋଭାଯାତ୍ରା ଶେଷ ହେବା ପରେ ବ୍ୟାଣ୍ଡ ପାର୍ଟିର ଦୁଇ ବାଜା ବାଲା ଅରଖପଦର ଗାଁର ଶ୍ରୀକାନ୍ତ ନାୟକ ଓ ଜାମୁସାହିର ଶାନ୍ତିପନି ବେହେରା ମିଳିତ ହୋଇ ନାବାଳିକାଙ୍କୁ ନିକଟସ୍ଥ ଏକ ପଡିଆକୁ ଟେକି ନେଇ ଜଣଙ୍କ ପରେ ଜଣେ ବଳାତ୍କାର କରିଥିଲେ । ପୀଡ଼ିତା କ୍ଷତ ବିକ୍ଷତ ହୋଇ ଆହତ ଅବସ୍ଥାରେ ଘଟଣା ସମ୍ପର୍କରେ ବାମା ମା’ଙ୍କୁ ଜଣାଇଥିଲେ । ଏପରିକି ଦୁଇ ବଳାତ୍କାରୀଙ୍କୁ ସ୍ଥାନୀୟ ଲୋକଙ୍କ ସମ୍ମୁଖରେ ଚିହ୍ନଟ କରିଥିଲେ । ପୀଡ଼ିତାଙ୍କର ବାପାଙ୍କ ଅଭିଯୋଗ କ୍ରମେ ବାଣୀଗୋଛା ଥାନା ପୋଲିସ ୩୬୩, ୩୨୪, ୫୦୬, ୩୪ ଆଇପିସି, ୩୭୬ ଡିବି, ୬ ପୋକସ ଆକ୍ଟରେ ୪୭/୨୦୨୨ରେ ମାମଲା କରିଥିଲେ । ପରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଦୁଇ ଅଭିଯୁକ୍ତ ଜେଲରେ ଥିଲେ । ସରକାରଙ୍କ ତରଫରୁ ସରକାରୀ ଓକିଲ ଦାଶରଥି ସାହୁ ମକଦ୍ଦମା ପରିଚାଳନା କରିଥିଲେ ।

### ଗାଜିଆବାଦ ଆଇନଜୀବିଙ୍କ ହତ୍ୟାରେ ନୟାଗଡରେ ପ୍ରତିବାଦ

**ନୟାଗଡ଼,୪।୯(ଲୋକନାଥ ମିଶ୍ର):** ଗାଜିଆବାଦରେ ଆଇନଜୀବିଙ୍କ ହତ୍ୟ ଘଟଣାକୁ ନୟାଗଡରେ ପ୍ରତିବାଦ କରାଯାଇଛି। ଏ ଅବସରରେ ନୟାଗଡ ବାର ଆସୋସିଏଶନ ପକ୍ଷରୁ ଏକ ଶୋଭାଯାତ୍ରା ନୟାଗଡ଼ ପୁରୁଣା କୋର୍ଟଠାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ଆଇନଜୀବିଙ୍କ ପାଇଁ ସୁରକ୍ଷା ଆଇନ ପ୍ରଣୟନ ପାଇଁ ନାରାବାଜି କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷେ ଗାଜିଆବାଦରେ ଆଇନଜୀବିଙ୍କ ହତ୍ୟାକୁ ନିନ୍ଦା କରାଯାଇଥିଲା।

## ଭିନ୍ନକ୍ଷମ ସୋମନାଥଙ୍କୁ ଅନ୍ତ୍ୟୋଦୟ ରାଶନ କାର୍ଡ ଦେବାକୁ ଗୁହାରି

ନୂଆଗାଁ,୪।୯(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଦୁର୍ଦ୍ଧୁରା ପଞ୍ଚାୟତ ସିମିଳିସାହି ଗ୍ରାମର ଭିନ୍ନକ୍ଷମ ସୋମନାଥ ପ୍ରଧାନଙ୍କୁ ଅନ୍ତୋଦୟ ରାଶନ ଦେବା ପାଇଁ ଦାବି ହୋଇଛି । ଏପରି କି ସୋମନାଥ ନିଜ ମାଆଙ୍କ ସହ ଆସି ସୋମବାର ଏ ନେଇ ବିଡିଓଙ୍କୁ ଗୁହାରୀ କରିଛନ୍ତି । ସିମିଳିସାହି ଗ୍ରାମର ସୋମନାଥ ଜନ୍ମରୁ ବିନ୍ନକ୍ଷମ । ତାଙ୍କର ଅଣ୍ଟା ତଳଠାରୁ କୌଣସି ଅଙ୍ଗ କାମ କରୁ ନାହିଁ । ତେଣୁ ସେ ବସି ବସି ଯାଉଛନ୍ତି । ତାଙ୍କୁ ସରକାରଙ୍କ



ଭିନ୍ନକ୍ଷମ ସୋମନାଥ ପ୍ରଧାନ ।

ଭତ୍ତା ଯୋଜନାରେ ୭୦୦ ଟଙ୍କା ସହ ଖାଦ୍ୟ ସୁରକ୍ଷା ଯୋଜନାରେ ୫ କେଜି ଚାଉଳ ମିଳୁଛି । ତେବେ ସେ ଘରୁ କେଉଁ ଆଡେ ଯାଇ ପାରୁ ନାହାନ୍ତି, କିମ୍ବା କୌଣସି କାମ କରି ପାରୁ ନାହାନ୍ତି । ବୃଦ୍ଧ ମାଆ ବାପାଙ୍କ ଉପରେ ବୋଝ ହୋଇ ରହିଛନ୍ତି । ପରିଣତ ବୟସରେ ସମ୍ବଳ ବିହିନ ମାଆ ବାପା ପରିବାର ଚଳାଇବା କଷ୍ଟ ହେଉଛି । ତେଣୁ ତାଙ୍କୁ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତୋଦୟ କାର୍ଡ କରି ୩୫ କେଜି ଚାଉଳ ଯୋଗାଇ ଦେଲେ ତାଙ୍କୁ ଉପବାସ ରହିବାକୁ ପଡିବ ନାହିଁ ବୋଲି ସୋମନାଥ କହିଛନ୍ତି । ଗୁହାରୀ ଶୁଣିବା ପରେ ନୂଆଗାଁ ବିଡିଓ ସଚ୍ଚିଦାନନ୍ଦ ମିଶ୍ର ବ୍ଲକ ଯୋଗାଣ ନିରୀକ୍ଷକ ବି ଶ୍ରୀହର୍ଷଙ୍କୁ ଡାକି ସୋମନାଥଙ୍କ ପାଇଁ ଅନ୍ତୋଦୟ କାର୍ଡ କରିଦେବା ପାଇଁ କହିଛନ୍ତି ।

## ମିଳିଲା କାର୍ଯ୍ୟାଦେଶ, ମିଳୁନି ପ୍ରଥମ କିସ୍ତି ଟଙ୍କା

ନୂଆଗାଁ,୪।୯ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ୩ ଜଣ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀଙ୍କୁ ଆବାସ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଥିଲେ ମଧ୍ୟ ଅଦ୍ୟାବଧି ସେମାନଙ୍କୁ ଅନୁଦାନ ରାଶି ମିଳି ନାହିଁ । ନୂଆଗାଁ ବ୍ଲକ ଚାହାଳି ଓ ଖଣ୍ଡୁଗାଁ ପଞ୍ଚାୟତରୁ ଏପରି ଅଭିଯୋଗ ଆସିଛି ।

ନୂଆଗାଁ ବ୍ଲକରେ ମୋଟ ୧୭୦୮ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଇଛି । ସେମାନେ ପକ୍କା ଘର ନିର୍ମାଣ କରିବା ପାଇଁ ମଞ୍ଜୁର ହୋଇଛି। ସେଥିମଧ୍ୟରୁ କେତେଜଣ ହିତାଧିକାରୀ ଭୂମି ହୀନ ଥିବା ବେଳେ ଅନ୍ୟ କେତେଜଣଙ୍କ ପରଲୋକ ହୋଇସାରିଛି। ଏପରି ବିଭିନ୍ନ ସମସ୍ୟା ନେଇ ୧୩୬ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇ ନାହିଁ। ଅନ୍ୟମାନଙ୍କୁ କାର୍ଯ୍ୟାଦେଶ ଦେବା ସହ ପ୍ରଥମ କିସ୍ତିର ଅନୁଦାନ ରାଶି ୪୦ ହଜାର ଟଙ୍କା ଦେବାରେ ସେମାନେ କାର୍ଯ୍ୟାରମ୍ଭ କରି ସାରିଲେଣି। ଏପରିକି କେତେଜଣ ହିତାଧିକାରୀ ପ୍ରୋତ୍ସାହନ ରାଶି ପାଇବା ପାଇଁ ଶିଘ୍ର କାମ କରି ଛାତ ପକାଇବାକୁ ପ୍ରସ୍ତୁତ ହେଲେଣି । କିନ୍ତୁ ଚାହାଳି ପଞ୍ଚାୟତର ଲଳିତା ନାଥଙ୍କୁ ଦୀର୍ଘ ମାସ ହେଲା ଆବାସ ଗୃହ ନିର୍ମାଣ କରିବା ପାଇଁ କାର୍ଯ୍ୟାଦେଶ ଦିଆ ଯାଇଥିଲେ ମଧ୍ୟ ଅଦ୍ୟାବଧି ପ୍ରଥମ କିସ୍ତିର ଅନୁଦାନ ଦିଆଯାଇ ନାହିଁ । ଯାହା ଫଳରେ ସେ ଗୃହ ନିର୍ମାଣ ଆରମ୍ଭ କରି ପାରୁ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି । ବ୍ଲକ କାର୍ଯ୍ୟାଳୟକୁ ଗଲେ ଟେକ୍ନିକାଲ ଇସ୍ୟୁ ଯୋଗୁ ଟଙ୍କା ଯାଇ ପାରୁ ନାହିଁ ବୋଲି ଉତ୍ତର ମିଳୁଛି । ସେହିପରି ଖଣ୍ଡୁଗାଁ ପଞ୍ଚାୟତର ଦୁଇ ଜଣ ହିତାଧିକାରୀ ମଧ୍ୟ ଏପରି ସମସ୍ୟା ଭୋଗୁଛନ୍ତି । ଏ ବାବଦରେ ବିପିଏ ଦେବରାଜ ସାମଲଙ୍କୁ ପଚାରିବାରେ ଲଳିତା ଓ ଅନ୍ୟ ଦୁଇ ହିତାଧିକାରୀଙ୍କ ସମସ୍ୟା ସଂକ୍ରାନ୍ତରେ ଆମେ ଉପରିସ୍ଥ ଅଧିକାରୀମାନଙ୍କୁ ଜଣାଇଛୁ । ଏପରି କି ଜିଲା ଅଧିକାରୀଙ୍କ ନିକଟରୁ ରାଜ୍ୟ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଏ ବିଷୟରେ ଜଣାଇଛୁ । ତେଣୁ ଯଥା ଶୀଘ୍ର ସମ୍ଭବ ସମସ୍ୟାକୁ ସମାଧାନ କରିବା ପାଇଁ ଚେଷ୍ଟା କରାଯାଉଛି ବୋଲି ସେ କହିଛନ୍ତି।

# କାଇଁଚ ହସ୍ତଶିଳ୍ପକୁ ଜିଆଇ ଟ୍ୟାଗ୍ ଦାବି

- ଦେଶ ବିଦେଶରେ ଅନ୍‌ଲାଇନରେ ବିକ୍ରି ହେଉଛି କାଇଁଚ ସାମଗ୍ରୀ
- ପ୍ରତି ମହିଳାଙ୍କୁ ୫ ହଜାର ଟଙ୍କାର ରୋଜଗାର ଦେଉଛି
- କେନ୍ଦ୍ରାପଡ଼ାର ରସାବଳୀ, ପୋଟଳି ପିଠାକୁ ସାମିଲ ପାଇଁ ମଧ ଦାବି


ଜଜାଙ୍ଗ ଗାଁରେ କାଇଁଚ ଉତ୍ପାଦ ସହ ଜଣେ ହସ୍ତଶିଳ୍ପୀ ମହିଳା।

**କେନ୍ଦ୍ରାପଡ଼ା, ୪।୯ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ରସାବଳୀ ସମେତ ଓଡ଼ିଶାର ୭ଟି ସାମଗ୍ରୀର ଜିଆଇ (ଜିଓଗ୍ରାଫିକାଲ ଇଣ୍ଡିକେଶନ) ଟ୍ୟାଗ୍ ପାଇଁ ତାଲିକାଭୁକ୍ତ ହୋଇଛି। ଏବେ ଜିଲାର କାଇଁଚ ହସ୍ତଶିଳ୍ପ ଜିଆଇ ଟ୍ୟାଗ୍ ଦାବି ଜୋର ଧରିଛି। ଏ ନେଇ ଚେନ୍ନାଇସ୍ଥିତ ଜିଆଇ ପଞ୍ଜୀକରଣ କାର୍ଯ୍ୟାଳୟ ସହ ଯୋଗାଯୋଗ ହେଉଛି। କାଇଁଚ ଶିଳ୍ପର ସମସ୍ତ ତଥ୍ୟ ସଂଗ୍ରହ ହେଉଥିବା ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗତ ଜାତୀୟ ହସ୍ତଶିଳ୍ପ ମେଳାରେ ପ୍ରକାଶ କରିଥିଲେ। ଏଥିସହ ହସ୍ତଶିଳ୍ପ ବିଭାଗ ସଚିବ ଶୋଭା ଶର୍ମା ଦର୍ଶାଇଛନ୍ତି, କେନ୍ଦ୍ରାପଡ଼ା ଜିଲାର ଏହି କଳାକୃତିରେ ୩,୧୨୮ ଜଣ ମହିଳା ସାମିଲ ହୋଇଥିବା ବେଳେ ୧,୪୭୯ ଜଣଙ୍କୁ ବିଭାଗ ପକ୍ଷରୁ ତାଲିମ ପ୍ରଦାନ କରାଯାଇଛି। ଅପରପକ୍ଷରେ ୨୦୨୨ ଅକ୍ଟୋବର ସୁଦ୍ଧା ସ୍କିଲ ଆକ୍ୟୁଜିଶନ ଆଣ୍ଡ ନଲେଜ ଆୱାରନେସ୍ ଫର୍ ଲାଇଭଲିହୁଡ୍ ପ୍ରପୋଶନ (ସଂକଳ୍ପ) ମାଧ୍ୟମରେ ଅନ୍ୟ ୫୧୪ ମହିଳା ତାଲିମପ୍ରାପ୍ତ ହୋଇଛନ୍ତି। ଏହି ମହିଳାଙ୍କ ହସ୍ତଶିଳ୍ପ ଏବେ ଅନ୍‌ଲାଇନ ମାଧ୍ୟମରେ ଦେଶବିଦେଶର ବହୁ ଗ୍ରାହକଙ୍କ ଆକର୍ଷଣ ସାଜିଥିବାରୁ ଏହାକୁ ରାଜ୍ୟ ସରକାର ଜିଆଇ ଟ୍ୟାଗ୍ ଭୁକ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି।

କେନ୍ଦ୍ରାପଡ଼ା ବ୍ଲକ ତରାଣ୍ଡୋ ଗ୍ରାମର ପ୍ରଭାତୀ ତ୍ରିପାଠୀ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାର ଏହି ଅନନ୍ୟ କୃତିକୁ ସ୍ୱୀକୃତି ମିଳିବାକୁ ଯାଉଥିବାରୁ ବହୁତ ଖୁସି ଲାଗୁଛି। ବିଲବାଡ଼ିରେ ନଷ୍ଟ ହେଉଥିବା ସୁନେଲି କାଇଁଚ ଏବେ ପ୍ରକୃତ ସୁନା ଭାବେ ଗଣନା ହେଉଛି। କାଇଁଚ ଦ୍ୱାରା ପ୍ରସ୍ତୁତ ପାଛିଆ, ଟୋପି, ହ୍ୟାଣ୍ଡ ବ୍ୟାଗ୍‌ଠାରୁ ଆରମ୍ଭକରି କାନର ଝୁମୁକା, ରାଖୀ ଆଦି ଦେଶ ବିଦେଶରେ ଆକର୍ଷଣ ସାଜିଛି। ଗତ କରୋନା ସମୟରେ ମହିଳା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ପ୍ରାୟ ୧୫ ହଜାର ରାଖୀ ବିକ୍ରି ହୋଇଥିବା ବେଳେ ଆମେରିକା ଓ କୁଏଟ ପରି ଦେଶକୁ ଅନ୍‌ଲାଇନ ବିକ୍ରି ମାଧ୍ୟମରେ ଯାଇଛି। ଜଜାଙ୍ଗର ବିଜୟଲକ୍ଷ୍ମୀ ସ୍ୱାଇଁ କହିଛନ୍ତି, କାଇଁଚ ସାମଗ୍ରୀ ଖୁବ୍ ଆକର୍ଷଣୀୟ। ଘରକରଣାଠାରୁ ସୌଖୀନ ସାମଗ୍ରୀ ଏଠାରେ ପ୍ରସ୍ତୁତ ହେଉଛି। ତେବେ କାଇଁଚ ସଂଗ୍ରହଠାରୁ ସାମଗ୍ରୀ ପ୍ରସ୍ତୁତି ମଧ୍ୟରେ ହସ୍ତଶିଳ୍ପୀଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼େ। ବର୍ଷାଦିନେ ବିଲ, ଗଡ଼ିଆ, ପଡ଼ିଆ ଆଦି ସ୍ଥାନରେ ୫ରୁ ୬ ଫୁଟ ଲମ୍ବର ଏହି କାଇଁଚକୁ ସଂଗ୍ରହ କରିବାକୁ ହୁଏ। ଏହି ସମୟରେ ଗଛର ରଙ୍ଗ ସବୁଜ ଥିବା ବେଳେ ଶୁଖିଗଲେ ସୁନେଲି ରଙ୍ଗ ଆସେ। ସଂଗୃହୀତ କାଇଁଚ ମଧ୍ୟରୁ ସାମଗ୍ରୀ ପାଇଁ ଉପଯୁକ୍ତ କାଇଁଚକୁ ବଛାଯାଏ। ସାମଗ୍ରୀର ଆବଶ୍ୟକତା ଅନୁଯାୟୀ ରଙ୍ଗ ହୁଏ। ପରେ ଏହା ସମାଗ୍ରୀର ରୂପ ନିଏ। ସମୟ ସାପେକ୍ଷ ହେଲେ ମଧ୍ୟ କାଇଁଚ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହ ସ୍ୱତନ୍ତ୍ର ପରିଚୟ ଦେଇଛି। ଗବେଷକ ଡ. ସର୍ବେଶ୍ୱର ସେଣ କହିଛନ୍ତି, କାଇଁଚ ଶିଳ୍ପରେ ସିଦ୍ଧହସ୍ତ ମହିଳାଙ୍କ ପାଇଁ ଏହି ଜିଲାକୁ ସ୍ୱତନ୍ତ୍ର ମାନ୍ୟତା ମିଳିବାକୁ ଯାଉଛି। ଯାହା ଜିଲାବାସୀ ଭାବେ ଖୁସିର ଖବର। ଜିଲାରେ କାଇଁଚ ପରି ରସାବଳୀ ସମେତ ପୋଟଳି ପିଠାର ଜିଆଇ ଟ୍ୟାଗ୍ ହେବା ଆବଶ୍ୟକ। ରାଜ୍ୟ ସରକାରଙ୍କ ଏହି ଉଦ୍ୟମକୁ ସ୍ୱାଗତ କରୁଥିବା ସେ ମତ ଦେଇଛନ୍ତି। ଉପଜିଲାପାଳ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ରାଜ୍ୟରେ ସଂକଳ୍ପ ଯୋଜନା ୨୦୨୦ ନଭେମ୍ବରରୁ ଆରମ୍ଭ ହୋଇଛି। ଏହି ଯୋଜନାରେ କେନ୍ଦ୍ରାପଡ଼ା ଜିଲାର ୩୫ଟି ଗ୍ରାମର ମହିଳାଙ୍କୁ କାଇଁଚ ଶିଳ୍ପ ତାଲିମ ପାଇଁ ପ୍ରୋତ୍ସାହିତ କରିଛୁ। ପ୍ରାୟ ସାଢ଼େ ୧୨ କୋଟିଟଙ୍କା ବ୍ୟୟ ଅଟକଳରେ ହୋଇଥିବା ସଂକଳ୍ପ ଯୋଜନା ଏବେ ପ୍ରତି ମହିଳାଙ୍କୁ ମାସିକ ଅନ୍ୟୂନ ୫ ହଜାର ଟଙ୍କାର ରୋଜଗାର ମିଳୁଛି। କାଇଁଚ ହସ୍ତଶିଳ୍ପର ଜିଆଇ ଟ୍ୟାଗ୍ ପାଇଁ ଉଦ୍ୟମ ଜାରି ରହିଛି ବୋଲି ସେ କହିଛନ୍ତି।

# ମୃତ ନାଉରିଆଙ୍କ ପରିବାରକୁ ଭେଟିଲେ ପର୍ବତାରୋହୀ ସିଦ୍ଧାର୍ଥ


ମୃତ ନାଉରିଆ ସୁଦର୍ଶନଙ୍କ ପରିବାର ସହ ସିଦ୍ଧାର୍ଥ।

**ରାଜନଗର,୪।୯(ଭାସ୍କର ରାଉତରାୟ)**

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଏକମାଣିଆ ପଞ୍ଚାୟତ ଏକମାଣିଆ ଗାଁର ମୃତ ନାଉରିଆ ସୁଦର୍ଶନ ସ୍ୱାଇଁଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ୧ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି ପର୍ବତାରୋହୀ ତଥା ଜଟଣୀ ବିଧାୟକ ସୁର ରାଉତରାୟଙ୍କ ପୁଅ ସିଦ୍ଧାର୍ଥ ରାଉତରାୟ। ନିକଟରେ ମୃତ ସୁଦର୍ଶନଙ୍କୁ ମରଣୋତ୍ତର ବିଜୁ ପଟ୍ଟନାୟକ ସାହାସିକତା ପୁରସ୍କାର ମିଳିଥିଲା। ସୋମବାର ଅପରାହ୍ନରେ ଘାଟପାରି ହୋଇ ସୁଦର୍ଶନଙ୍କ ଘରେ ପହଞ୍ଚିଥିଲେ ସିଦ୍ଧାର୍ଥ। ସୁଦର୍ଶନଙ୍କ ପରିବାର ଓ ଗ୍ରାମବାସୀଙ୍କ ସହ ତାଙ୍କ ସାହସିକତା ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ବ୍ୟକ୍ତିଗତ ଭାବେ ସୁଦର୍ଶନଙ୍କ ସ୍ତ୍ରୀ ସୁବାସୀଙ୍କୁ ୧ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ।

**୧ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କଲେ**

ସୂଚନାଯୋଗ୍ୟ, ଆଳି ବ୍ଲକର ଏକମାଣିଆ ପଞ୍ଚାୟତକୁ ଚାରିପଟୁ ବ୍ରାହ୍ମଣୀ ନଦୀ ଘେରି ରହିଛି। ଲୋକେ ପାଦ କାଢିଲେ ଡଙ୍ଗାରେ ନଦୀ ପାର ହେବାକୁ ପଡେ। ସେହି ଗାଁର ସୁଦର୍ଶନ ଦୀର୍ଘ ୩୦ବର୍ଷ ହେଲା ଘାଟିଆ ଭାବେ ଲୋକଙ୍କୁ ପାରଉତାର କରିଥାଆନ୍ତି। ଚଳିତ ବର୍ଷ ଏପ୍ରିଲ ୨୭ ତାରିଖ ଦିନ ଭୋର ସାଢେ ୫ଟା ବେଳେ ସୁଦର୍ଶନ ଡଙ୍ଗା ପାରି କରୁଥିବା ବେଳେ ଡଙ୍ଗାଟି ବୁଡ଼ି ଯାଇଥିଲା। ସୁଦର୍ଶନ ଏକାକୀ ୧୦ଜଣଙ୍କୁ ଉଦ୍ଧାର କରିଥିଲେ। ଶେଷରେ ଜଣେ ବାଳକ ବୁଡିଯାଉଥିବା ଦେଖି ସୁଦର୍ଶନ ଥକି ପଡିଥିଲେ ମଧ୍ୟ ନିଜ ଜୀବନକୁ ବାଜି ଲଗାଇ ଉଦ୍ଧାର ପାଇଁ ଗଭୀର ଜଳକୁ ଡେଇଁ ପଡିଥିଲେ। ଏହି ସମୟରେ ବୁଡି ଯାଉଥିବା ବାଳକ ସୁଦର୍ଶନଙ୍କୁ କୁଣ୍ଢାଇ ଧରିବା ପରେ ନଦୀ ଭଉଁରୀରେ ପଡି ଉଭୟ ବୁଡ଼ି ଯାଇ ପ୍ରାଣ ହରାଇଥିଲେ। ଘାଟିଆଙ୍କ ମୃତ୍ୟୁ ଖବର କେବଳ ଏକମାଣିଆ ନୁହେଁ, ସମଗ୍ର ଜିଲାରେ ଶୋକର ଛାୟା ଖେଳାଇ ଦେଇଥିଲା। ଗତ ସପ୍ତାହରେ ଘାଟିଆ ସୁଦର୍ଶନଙ୍କୁ ମରଣୋତ୍ତର ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ମିଳିଥିଲା।

# ସାପ କାମୁଡ଼ାରେ ଚାଷୀ ମୃତ

**ରାଜନଗର,୪।୯(ଭାସ୍କର ରାଉତରାୟ)**

ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ କାଙ୍କଦିଆ ଗ୍ରାମର ଚାଷୀ ପ୍ରମୋଦ କୁମାର ପାଇଟାଳଙ୍କ ସାପ କାମୁଡ଼ାରେ ସୋମବାର ମୃତ୍ୟୁ ଘଟିଛି। ପ୍ରମୋଦ ଘରଠାରୁ ଦେଢ଼ କିମି ଦୂର ବିଲକୁ ଧାନ ରୋଇବାକୁ ଯାଇଥିଲେ। ବିଲରେ ଧାନ ରୋଉଥିବା ବେଳେ ସାପ କାମୁଡି ଦେଇଥିଲା। ସେ ବିଲରୁ ଚାଲି ଚାଲି ଆସି ସେହି ଗାଁର ଗୁଣିଆକୁ କ'ଣ କାମୁଡି ଦେଲା, ଦେହ ଭଲ ଲାଗୁ ନାହିଁ ବୋଲି କହିଥିଲେ। ଗୁଣିଆ ତାଙ୍କୁ ମେଡ଼ିକାଲ ଯିବାକୁ କହିଥିଲେ। ପ୍ରମୋଦ ଘରେ ପହଞ୍ଚି ପଡି ଯାଇଥିଲେ। ପରିବାର ଲୋକେ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପାଇ ରାଜନଗର ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର କୁମାର ଜେନା, ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ କୁମାର ମହାନ୍ତି ଏବଂ କୋଇଲିପୁର ପଞ୍ଚାୟତ ସରପଞ୍ଚ ଦିଲୀପ କୁମାର ରାଉତ, ସମିତି ସଭ୍ୟ ଅଭୟ କୁମାର ଖଣ୍ଡୁଆଳ, ଯୁବ ନେତା ସରୋଜ କୁମାର ଜେନା, ବଦ୍ରିନାରାୟଣ ରାଉତ, ଶରତ ବାରିକ ପ୍ରମୁଖ ପ୍ରମୋଦଙ୍କ ଶେଷଦର୍ଶନ କରିବା ସହିତ ତାଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି ।

# ଯୌତୁକ ଦାବିରେ ମହିଳାଙ୍କୁ ହତ୍ୟା, ସ୍ୱାମୀ ଗିରଫ

**ଧର୍ମଶାଳା,୪।୯(ବଟକୃଷ୍ଣ ପରିଡ଼ା):**

ଜେନାପୁର ଥାନା ଅନ୍ତର୍ଗତ ସାତମାଣ ଗ୍ରାମରେ ଅଧିକ ଯୌତୁକ ଦାବିରେ ଜଣେ ମହିଳାଙ୍କୁ ତାଙ୍କ ଶାଶୁଘର ଲୋକେ ବିଷ ପିଆଇ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ମୃତକ ହେଲେ ଗ୍ରାମର ଶକ୍ତିକାନ୍ତ ବେହେରାଙ୍କ ସ୍ତ୍ରୀ ଇପ୍‌ସିତା।

ମହିଳାଙ୍କ ବାପା ଏହି ଥାନା ଅନ୍ତର୍ଗତ କୁସୁନପୁର ଗ୍ରାମର ଭାଗୀରଥି ବେହେରାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଝିଅ ଇପ୍‌ସିତାଙ୍କୁ ଗତ ବର୍ଷ ଫେବୃୟାରୀ ୯ ତାରିଖରେ ସାତମାଣ ଗ୍ରାମର ରମାକାନ୍ତ ବେହେରାଙ୍କ ପୁଅ ଶକ୍ତିକାନ୍ତଙ୍କୁ ବୈଦିକ ରିତିରେ ବିବାହ କରାଇଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ବିବାହର ମାସକ ପରେ ଏକ ବାଇକ୍ ସହ ୧ ଲକ୍ଷ ଟଙ୍କା ଯୌତୁକ ଆଣିବା ପାଇଁ ଶାଶୁଘର ଲୋକେ ଇପ୍‌ସିତାଙ୍କ ଉପରେ ଚାପ ପକାଇବା ସହ ନିର୍ଯାତନା ଦେଉଥିଲେ। ଶାଶୁଘରର ଏହି ଦାବିକୁ ପୂରଣ କରିପାରିବେ ନାହିଁ ବୋଲି ଇପସିତାଙ୍କ ବାପା ଜଣାଇଥିଲେ। ଏହାପରେ ଇପ୍‌ସିତା ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ନେଇ ତାଙ୍କ ଶାଶୁ ଜଣାଇଥିଲେ। ଭାଗିରଥି କଟକ ବଡ଼ ମେଡିକାଲରେ ପହଞ୍ଚି ଦେଖନ୍ତି ଯେ, ତାଙ୍କ ଝିଅକୁ ବିଷ ପିଆଇ ଦିଆଯାଇଛି। ସେ ଚିକିତ୍ସାଧୀନ ଥିବାବେଳେ ଗତ ୧ ତାରିଖରେ ମୃତ୍ୟୁ ହୋଇଯାଇଛି। ଏନେଇ ଥାନାରେ ଏକ ମାମଲା ନଂ.୨୨୩/୨୩ ରୁଜୁ ହୋଇଛି। ଇପ୍‌ସିତାଙ୍କ ସ୍ୱାମୀ ଶକ୍ତିକାନ୍ତଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଏସ୍ଆଇ ସଞ୍ଜୟ କୁମାର ଭୋଳ ସୂଚନା ଦେଇଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସତ୍ୟ


@ ଆଶିଷ


@ ସ୍ମାରକ


@ ଦୀପ୍ତିସଚନ୍ଦ୍ର


@ ସୁକାନ୍ତ


@ ଆଦିତ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜ୍ୟ ସିନିୟର ହକି ପୁରୁଷ ଦଳ: ପାରାଦୀପର ୧୮ ଛାତ୍ର ମନୋନୀତ


ହକି ପ୍ରତିଯୋଗିତାରେ ସାମିଲ ହୋଇଥିବା ପାରାଦୀପ ଡିଏଭି ସ୍କୁଲର ଛାତ୍ରମାନେ।

**ପାରାଦୀପ,୪।୯(ଶରତ ରାଉତ)**

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ରାଜ୍ୟ ସିନିୟର ହକି ପ୍ରତିଯୋଗିତା ସୋମବାରଠାରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାରେ ଜଗତ୍‌ସିଂହପୁର ଜିଲା ପାରାଦୀପର ୧୮ଜଣ ତୃଣମୂଳ ସ୍ତରର ଛାତ୍ର ମନୋନୀତ ହୋଇଛନ୍ତି। ଏହି ଛାତ୍ରମାନଙ୍କୁ ଜଗତ୍‌ସିଂହପୁର ଜିଲାପାଳ ପାରୁଲ ପଟୱାରି ଶୁଭେଚ୍ଛା ଜଣାଇଛନ୍ତି। ଉକ୍ତ ଛାତ୍ରମାନେ ପିପିଏଲ୍ ଡିଏଭି ସ୍କୁଲର ଅଟନ୍ତି। ସେମାନଙ୍କୁ କ୍ରୀଡ଼ା ଅଧିକାରୀ ବିଶ୍ୱବିଜୟିନୀ ନାୟକ, ପିପିଏଲ୍ ମୁଖ୍ୟ ପ୍ରଣବ ଭଟ୍ଟାଚାର୍ଯ୍ୟ, ମାନବ ସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ ଶୁଭେଚ୍ଛା ଜଣାଇଛନ୍ତି। ଗତ ସପ୍ତାହରେ ପିପିଏଲ୍ ଡିଏଭି ପରିସରରେ ହକି ଷ୍ଟାଡିୟମ ଉଦ୍‌ଘାଟନ ହୋଇଥିଲା। ଏହି ଖେଳର ଆନୁଷଙ୍ଗିକ ଉପକରଣ ପିପିଏଲ୍ ଯୋଗାଇଛି। ଚୟନ ଖେଳାଳି ହେଲେ ଆୟୁଷ୍ମାନ ବେହେରା (ଅଧିନାୟକ), ସମ୍ବିତ ସାମଲ, ମେହୁଲ ଜେନା, ସତ୍ୟସୁବ୍ରତ ଜେନା, ଗୌତମ ନାୟକ, ନିଖିଲ ରାଉତ, ସମ୍ବିତ ବିଶ୍ୱମୋହନ, ସୁମିତ ଲାକ୍ରା, ଆୟୁସ କୁମାର ସ, ବିନୟ ଖିଲାର, ଆୟୁସ ୱାଟସ୍, ଅଙ୍କିତ କୁମାର ବେହେରା, ଅମରଜିତ ସାହୁ, ଶୁଭମ ସୂତାର, ବିଘ୍ନରାଜ ପାଣିଗ୍ରାହୀ, ସ୍ନେହାଶିଷ ଦାସ, ଅରୁଣ କୁମାର ମହାନ୍ତି ଓ ଦେବାଂଶୁ ଧଳ। କୋଚ ଶାଶ୍ୱତ ଭାରତୀୟ ରହିଛନ୍ତି।

# ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ରାଜକନିକାର ରୀତିଶ ମନୋନୀତ

**ରାଜକନିକା,୪।୯(ସଞ୍ଜୟ କୁମାର ଦାଶ):**



କେନ୍ଦ୍ରାପଡ଼ା ଜିଲା। ରାଜକନିକା ଫୁଟବଲର ଅନ୍ତୁଡିଶାଳ ଭାବେ ପରିଚିତ। ଏହି ମାଟିର ପୁଅ ରୀତିଶ କୁମାର ପାତ୍ର ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଖେଳିବା ପାଇଁ ଓଡ଼ିଶା ତରଫରୁ ମନୋନୀତ ହୋଇଛନ୍ତି। ରୀତିଶ ୧୭ବର୍ଷରୁ କମ ବର୍ଗରେ ଚୟନ ହୋଇ ଏବେ ନୟାଗଡ଼ କ୍ରୀଡ଼ା ଛାତ୍ରବାସରେ ରହି କୋଚିଂ ନେଉଛନ୍ତି। ଆସନ୍ତା ୭ତାରିଖଠାରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ନ୍ୟାଶନାଲ ବିସି ରଏ ଫୁଟବଲ ଚାମ୍ପିୟନଶିପ୍ ଆରମ୍ଭ ହେବାକୁ ଯାଉଛି । ଏଥିରେ ଓଡ଼ିଶା ଦଳ ପକ୍ଷରୁ ଗୋଲରକ୍ଷକ ଭାବେ ରୀତିଶ ମନୋନୀତ ହୋଇଛନ୍ତି। ଏହି ଖବର ଜଣାପଡିବା ପରେ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି। ରୀତିଶ ରାଜକନିକା ବ୍ଲକ୍ ଜୟନଗର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନାତି ତଥା ଶିକ୍ଷକ କାମାକ୍ଷା ପ୍ରସାଦ ପାତ୍ରଙ୍କ ପୁଅ। ରୀତିଶ ନିଜ କୋଚ୍ ଶରତ କୁମାର ଜେନାଙ୍କୁ ଏଥିପାଇଁ ଶ୍ରେୟ ଦେଇଛନ୍ତି। ଅଞ୍ଚଳବାସୀ ରୀତିଶଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

# ପର୍ଯ୍ୟଟନ ବିଭାଗ ଦୃଷ୍ଟି ଆଢୁଆଳରେ ଆର୍ତ୍ତେଶ୍ୱର ପୀଠ

**ଡେରାବିଶ,୪।୯(ବେବର୍ତ୍ତା ଅଜୟ ଦାସ)**



କେନ୍ଦ୍ରାପଡ଼ା ଜିଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଅର୍ତ୍ତେଶ୍ୱରଙ୍କ ମନ୍ଦିର ପର୍ଯ୍ୟଟନ ବିଭାଗର ଦୃଷ୍ଟି ଆଢୁଆଳରେ ରହିଛି। କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ ମହଙ୍ଗ ପଞ୍ଚାୟତ ଜଗନ୍ନାଥପୁରଠାରେ ରହିଛି ଏହି ପ୍ରସିଦ୍ଧ ଶୈବପୀଠ। ଗୋବରୀ ନଦୀ କୂଳରେ ଥିବା ଏହି ପୀଠର ମହିମା, ଅଲୌକିକତା ଭକ୍ତି ଓ ବିଶ୍ୱାସକୁ ସାଧାରଣରେ ଦୃଢ଼ୀଭୂତ କରିଛି। ଜନଶ୍ରୁତି ଅନୁଯାୟୀ, ଗୋବରୀ ନଦୀ ପଠାରେ ଥିବା ଘଞ୍ଚ ଜଙ୍ଗଲରେ ଜଣେ କାଠୁରିଆ କାଠ କାଟୁଥିବା ବେଳେ କୁରାଢ଼ି ଚୋଟ ଏକ ପଥରରେ ବାଜିଥିଲା। ତାହା ମୁଗୁନି ପଥର ଥିଲେ ମଧ୍ୟ କୁରାଢି ଚୋଟରେ ରକ୍ତସ୍ରାବ ହୋଇଥିଲା। କାଠୁରିଆ ଏହି ଦୃଶ୍ୟ ଦେଖି ସ୍ଥାନୀୟ ଲୋକଙ୍କୁ କହିଥିଲେ। ସେ ସମୟରେ ଆଳି ରାଜାଙ୍କ ଇଲାକାରେ ଉକ୍ତ ଅଞ୍ଚଳ ଥିଲା। ସେହି ରାତିରେ ଆଳି ରାଜା ଓ କାଠୁରିଆ ଉଭୟଙ୍କୁ ସ୍ୱପ୍ନାଦେଶ ହୋଇଥିଲା। ରାଜା ଘଟଣାସ୍ଥଳକୁ ଆସି ସେହି ସ୍ଥାନଟିକୁ ଖୋଳିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ସ୍ଥାନ ଖୋଳା ହେବା ପରେ ଏକ ଶିବଶକ୍ତି ଥିବା ଦେଖିବାକୁ ମିଳିଥିଲା ବୋଲି ଜନଶ୍ରୁତି ଅଛି ବୋଲି ବ୍ରଜ କିଶୋର ପଣ୍ଡା କହିଛନ୍ତି। ପରେ ରାଜା ଅସ୍ଥାୟୀ ଭାବେ ଏକ ଚାଳ ଛପର ଘର ନିର୍ମାଣ କରିବା ସହ ପୁରୀରୁ ଦୁଇଜଣ ବ୍ରାହ୍ମଣଙ୍କୁ ଆଣି ସେହି ସ୍ଥାନରେ ସ୍ଥାୟୀ ଭାବେ ରହିବା ବ୍ୟବସ୍ଥା କରାଇଥିଲେ। ତେବେ ପୁରୀରୁ ଆସିଥିବା ବ୍ରାହ୍ମଣ ସ୍ଥାନୀୟ ଲୋକଙ୍କ ସହାୟତାରେ ନିକଟସ୍ଥ ଲଳିତଗିରି ଗ୍ରାମରୁ ବଉଳମାଳିଆ ପଥରରେ ଆର୍ତ୍ତେଶ୍ୱରଙ୍କ ମନ୍ଦିର ନିର୍ମାଣ ଆରମ୍ଭ କରାଇଥିଲେ। ପରେ ବହୁ ବଦାନ୍ୟ ବ୍ୟକ୍ତିଙ୍କ ଉଦ୍ୟମରେ ପୂର୍ଣ୍ଣାଙ୍ଗ ମନ୍ଦିର ନିର୍ମାଣ ହେବା ସହ ବେଢାରେ ଶ୍ରୀଜଗନ୍ନାଥ, ପଞ୍ଚମୁଖି ହନୁମାନ ଓ ବିଭିନ୍ନ ଦେବାଦେବୀଙ୍କ ମନ୍ଦିର ତିଆରି ହୋଇଥିଲା। ଗୋବରୀ ନଦୀ କୂଳରେ ଥିବା ସବୁଜିମା ଓ ନଦୀର କଳ କଳ ନାଦ ଶୈବ ପୀଠର ନୈସର୍ଗିକ ଶୋଭା ବଢ଼ାଇଛି। ଆର୍ତ୍ତେଶ୍ୱରଙ୍କ ପୀଠରେ ବିଭିନ୍ନ ପର୍ବପର୍ବାଣି ପାଳିତ ହୋଇଥାଏ। ପବିତ୍ର ତ୍ରିବେଣୀ ଅମାବାସ୍ୟା ଅବସରରେ ମେଳା ଓ ମହାରୁଦ୍ର ମହାଯଜ୍ଞ ୭ଦିନ ଧରି ଅନୁଷ୍ଠିତ ହୋଇଥାଏ। ଏହି ସମୟରେ ମନ୍ଦିର ବେଢ଼ାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଏ ବୋଲି କମିଟିର ଉପଦେଷ୍ଟା ନାରାୟଣ ଲେଙ୍କା କହିଛନ୍ତି। ଲେଙ୍କାଙ୍କ କହିବା ଅନୁଯାୟୀ, ମନ୍ଦିର ବେଢାରେ ବିବାହ, ବ୍ରତ ସାଙ୍ଗକୁ ଶୀତଳ ଷଷ୍ଠୀ ତିଥିରେ ଶିବ ବିବାହ ମଧ୍ୟ ଅନୁଷ୍ଠିତ ହୋଇଥାଏ। ମାତ୍ର ପର୍ଯ୍ୟଟନ ବିଭାଗର ଏହି ପୀଠକୁ ଅଣଦେଖା ଶ୍ରଦ୍ଧାଳୁଙ୍କୁ ବ୍ୟଥିତ କରିଛି। ସେହିପରି ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି, ମନ୍ଦିର କମିଟି ସମ୍ପାଦକ ତାରାକିଙ୍କର ଚାଟାର୍ଜୀ କୁହନ୍ତି, ଆର୍ତ୍ତେଶ୍ୱରଙ୍କ ପୀଠ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏଥିସହ ନଦୀ ପଠାରେ ଥିବା ସୁନ୍ଦର ଜଙ୍ଗଲରେ ପ୍ରତି ବର୍ଷ ଶୀତ ଋତୁରେ ବଣ ଭୋଜିର ଆସର ଜମେ। ପ୍ରଶାସନର ଅଣଦେଖା ଯୋଗୁ ଏହି ପୀଠଟି ଅବହେଳିତ ଅବସ୍ଥାରେ ରହିଛି। ସେହିପରି କମିଟିର କର୍ମକର୍ତ୍ତା ସୁବ୍ରତ ରାଉତ, ବୀରବର ସାହୁ, ସନ୍ତୋଷ କୁମାର ରାଉତ ଓ ପ୍ରଦୀପ ନାୟକ ଏହି ପୀଠକୁ ଏକ ପୂର୍ଣ୍ଣାଙ୍ଗ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ ପାଇଁ ଜିଲା ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି। ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲାପାଳ ପୀତାମ୍ବର ସାମଲଙ୍କୁ ଯୋଗଯୋଗ କରାଯାଇଥିଲା। ସେ କୁହନ୍ତି, ଆର୍ତ୍ତେଶ୍ୱର ମନ୍ଦିର କମିଟି କର୍ମକର୍ତ୍ତାମାନେ ଏହି ମନ୍ଦିରର ଐତିହ୍ୟ ଓ ସ୍ଥିତି ସମ୍ପର୍କରେ ଜିଲାପାଳଙ୍କ ନିକଟରେ ଆବେଦନ କରିବା ପରେ ପ୍ରଶାସନ ପକ୍ଷରୁ ଅନୁଧ୍ୟାନ କରାଯାଇ ଯାହା କିଛି ପଦକ୍ଷେପ ନିଆଯିବ।

# ‘ଗୁରୁଙ୍କ ବିନା ଶିକ୍ଷାର ପୂର୍ଣ୍ଣତା ନାହିଁ’

**ଖଣ୍ଡପଡ଼ା,୪।୯ (ଅଜୟ କୁମାର ମହାରଣା)**

ଗୁରୁ ହେଉଛନ୍ତି ପବିତ୍ରତା, ଶାନ୍ତି, ପ୍ରେମ ଓ ଜ୍ଞାନର ପ୍ରତିମୂର୍ତ୍ତି । ପ୍ରାଚୀନ ସମାଜରେ ଗୁରୁମାନେ ଥିଲେ ସମାଜର ପ୍ରକୃତ ମାର୍ଗ ଦର୍ଶକ । ଏହି ମହାନ ପରମ୍ପରା ଆଜି ପାଶ୍ଚାତ୍ୟ ଶିକ୍ଷା ଓ ଶିକ୍ଷାର ବ୍ୟବସାୟୀକରଣ ଦ୍ୱାରା ବାଧାପ୍ରାପ୍ତ ହୋଇ ଆମ ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିବା ସହ ଗୁରୁ-ଶିଷ୍ୟ ସମ୍ପର୍କ ମଧ୍ୟରେ ଅନ୍ତରାୟ ସୃଷ୍ଟି କରୁଛି । ବୈଦିକ ଯୁଗରେ ମହର୍ଷିମାନଙ୍କ ଆଶ୍ରମରେ ଶିକ୍ଷା ଦିଆଯାଉଥିଲା । ଶିଷ୍ୟମାନେ ସେହି ସୁରମ୍ୟ ପରିବେଶରେ ସେମାନଙ୍କ ବହୁମୁଖୀ ପ୍ରତିଭାର ବିକାଶ କରୁଥିଲେ । ବେଦ ବେଦାନ୍ତ ଉପନିଷଦଠାରୁ ଆରମ୍ଭ କରି କୃଷି, କଳା ଓ ସମରବିଜ୍ଞାନ ପର୍ଯ୍ୟନ୍ତ ସବୁଥିରେ ପାରଦର୍ଶିତା ଲାଭ କରି ଜଣେ ପୂର୍ଣ୍ଣାଙ୍ଗ ମଣିଷ ଭାବେ ଗୃହକୁ ଫେରୁଥିଲେ । ଏବେ ସମୟ ବଦଳିଛି । ଗୁରୁ-ଶିଷ୍ୟ ସମ୍ପର୍କରେ ବି ବ୍ୟତିକ୍ରମ ଆସିଛି । ତଥାପି ସେପ୍ଟେମ୍ବର ୫ ଗୁରୁ ଦିବସ ପାଳନ ପାଇଁ ସବୁଠି ପ୍ରସ୍ତୁତି ଚାଲିଛି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ମତାମତକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା..


ସ୍ନେହା ମିଶ୍ର


ପବିତ୍ର ସୁବୁଦ୍ଧି


ରୂପାଲୀ ସାହୁ


ଭାରତ ଭୂଷଣ ରଥ


ଜ୍ୟୋସ୍ନା ମହାରଣା


ଲଳିତ ବାବା

କଟକ ରଘୁନାଥଜୀଉ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସ୍ନେହଲତା ମିଶ୍ର କୁହନ୍ତି, ଆଜିର ପିଲାମାନଙ୍କୁ ପାଠପଢା ସହିତ ଚରିତ୍ର ଗଠନ ଏବଂ ସଂସ୍କାର ଉପରେ ଗୁରୁତ୍ୱାରୋପ କରିବା ଉଚିତ । ଏବେ ପିଲାମାନଙ୍କ ପାଖରେ ସବୁ ସୁବିଧା ଅଛି। ତଥାପି ପିଲାମାନେ ଭଲ ମଣିଷ କିମ୍ବା ନିଜେ ସ୍ୱାବଲମ୍ବୀ ହୋଇ ପାରୁ ନାହାନ୍ତି। ଏହି କେବଳ ସମ୍ଭବ ହୋଇ ପାରିବ, ଯଦି ଆମେ ପ୍ରାଚୀନ କାଳର ସେହି ଗୁରୁକୂଳ ପରମ୍ପରାକୁ ଆପଣେଇବା । ଆଜି ଗୁରୁଶିଷ୍ୟର ପବିତ୍ର ପରମ୍ପରା ଲୁପ୍ତପ୍ରାୟ। ଗୁରୁ ଦିବସରେ ଗୁରୁଙ୍କ ଆର୍ଶିବାଦ ଅପେକ୍ଷା ଗୁରୁଙ୍କୁ ଦାମୀ ଉପହାର ଦେବା ଏବଂ କେକ୍ କାଟିବା, ନାଚଗୀତ କରିବା, ଏସବୁ ଫେସନରେ ପରିଣତ ହୋଇଛି। ଶିକ୍ଷାବତ୍ ଡ.ପବିତ୍ର କୁମାର ସୁବୁଦ୍ଧି କୁହନ୍ତି, ବିନା ଗୁରୁରେ ଶିଷ୍ୟର ସଫଳତା ଅସମ୍ଭବ । ଏବେ ଅନ୍‌ଲାଇନ ଶିକ୍ଷା ପ୍ରଦାନର ପ୍ରୟାସ ହେଉଛି । ହେଲେ ଏହାର ବାସ୍ତବତା କେତେ? ଏକଥା ସତ୍ୟ ଯେ, ସମୟ ବଦଳିବା ସହ ଶିକ୍ଷା ବ୍ୟବସ୍ଥା ବଦଳିବାକୁ ବାଧ୍ୟ । ତେବେ ଶିକ୍ଷାର ମୌଳିକ ଲକ୍ଷ୍ୟ ବଦଳିଯିବା ନିଶ୍ଚିତ ରୂପେ ବିପଦଜନକ। ଗୁରୁ ବିନା ଶିକ୍ଷାର ପୂର୍ଣ୍ଣତା ନାହିଁ । ଆଦର୍ଶ ବିଦ୍ୟାଳୟ ୧୦ମ ଶ୍ରେଣୀ ଛାତ୍ରୀ ରୁପାଲୀ ସାହୁ କୁହନ୍ତି, ଜ୍ଞାନ ହସ୍ତାନ୍ତର ନୁହେଁ, ଜ୍ଞାନ ପ୍ରସ୍ତୁତ କରିବା ଗୁରୁଙ୍କ ଧର୍ମ । ସଂପ୍ରତି ଗୁରୁମାନେ କେବଳ ପୁସ୍ତକରେ ଥିବା ପାଠ୍ୟକ୍ରମକୁ ସରଳୀକରଣ କରି ଶିକ୍ଷାର୍ଥୀମାନଙ୍କୁ ଉପସ୍ଥାପନ କରୁଛନ୍ତି । ଯାହାକୁ ବିଦ୍ୟାର୍ଥୀ କଣ୍ଠସ୍ଥ, ମୁଖସ୍ଥ କରିବା ସହ ଏହାକୁ ପରୀକ୍ଷା ଖାତାରେ ଲେଖି ଭଲ ନମ୍ବର ରଖୁଛନ୍ତି । ମାତ୍ର ସେହି ଜ୍ଞାନ କିଛି ଦିନ ପରେ ଭୁଲି ଯାଉଛନ୍ତି। ଏହା ଶିକ୍ଷାର୍ଥୀଙ୍କ ଜ୍ଞାନକୁ ବିକଶିତ କରିବା ପରିବର୍ତ୍ତେ ସଙ୍କୁଚିତ କରିଥାଏ । ଗୁରୁଙ୍କ ଶିକ୍ଷଣ ସେତେବେଳେ ଚିରସ୍ଥାୟୀ ହୋଇପାରିବ, ଯେତେବେଳେ ଶିକ୍ଷାର୍ଥୀମାନେ ଗୁରୁଙ୍କ ସହ ମିଶି ପରସ୍ପର ମଧ୍ୟରେ ଆଲୋଚନା ଓ ପର୍ଯ୍ୟାଲୋଚନା ମାଧ୍ୟମରେ ଜ୍ଞାନ ତିଆରି କରିବେ।

ଡ.ଭାରତ ଭୂଷଣ ରଥ କୁହନ୍ତି, ଭାରତ ତାର ସଂସ୍କାର,ସଂସ୍କୃତିକୁ ଆଧାର କରି ବିଶ୍ୱରେ ବନ୍ଦ୍ୟ । ପ୍ରାଚୀନ ମୁନିଋଷିମାନେ ଗୁରୁକୂଳରେ ପରମ ବେଦ ତତ୍ତ୍ୱ ଶିକ୍ଷା ଦେଉଥିଲେ । ହିତୋପଦେଶ, ପଞ୍ଚତନ୍ତ୍ରରେ ରାଜପୁତ୍ରମାନଙ୍କୁ ଶିକ୍ଷା ଦିଆଯାଉଥିଲା। ଉତ୍ତମ ପ୍ରଶାସକ ତିଆରି କରିବା ମଧ୍ୟ ଶିକ୍ଷାର କର୍ତ୍ତବ୍ୟ । ତେଣୁ ଆସନ୍ତୁ ସମସ୍ତେ ମିଳିମିଶି ଶିକ୍ଷା ବ୍ୟବସ୍ଥାକୁ ସମ୍ମାନ ଦେବା, ଗୁରୁଙ୍କୁ ପୂଜା କରିବା ଏବଂ ସୁନ୍ଦର ବିଶ୍ୱ ଗଢି ତୋଳିବା । ଅଧ୍ୟାପିକା ଜ୍ୟୋସ୍ନା ମହାରଣା କୁହନ୍ତି, ଆମର ଶିକ୍ଷା ବ୍ୟବସ୍ଥା ମୌଳିକ ଶିକ୍ଷାଠାରୁ ଦୂରେଇ ଯାଇଛି ଏବଂ ଆଦରି ନେଇଛି ବ୍ୟବସାୟିକ ଶିକ୍ଷାପଦ୍ଧତି । ଏହି ପରିବର୍ତ୍ତନ ହିଁ ଗୁରୁ ଓ ଶିଷ୍ୟଙ୍କ ସମ୍ପର୍କରେ ଅନ୍ତରାୟ ସୃଷ୍ଟି କରୁଥିବାରୁ ପ୍ରାଚୀନ ଗୁରୁକୂଳ ଶିକ୍ଷା ପଦ୍ଧତିର ପୁନରାବୃତ୍ତି ହେବାର ଯଥାର୍ଥତା ରହିଛି। ଜଗନ୍ନାଥ ଧର୍ମ ପ୍ରଚାରକ ଲଳିତ ନାରାୟଣ ବାବା କୁହନ୍ତି, ପାଶ୍ଚାତ ସଭ୍ୟତା ପିଲାମାନଙ୍କୁ ବିପଥ ଗାମୀ କରୁଛି। ଆଜି ଶିକ୍ଷାର ମୂଳ ଲକ୍ଷ୍ୟ ହେଉଛି ଅର୍ଥ ଉପାର୍ଜନ । ପାଠ ଏଠି ପାଲଟିଛି ଖାଉଟି ଦ୍ରବ୍ୟ । ପିଲାଏ ପାଠ ଦୋକାନରେ ଭିଡ ଜମାଉଛନ୍ତି । ପାଠ ବେପାରୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗୁଛି। ପାଠ ଏଠି ଗୁଣବତ୍ତା ହରାଇବା ସହ ପାଠକୁ ଛାଡି ଏଠି ଶିକ୍ଷାରେ ସଂସ୍କାର ଚାଲିଛି । ଆମ ଶିକ୍ଷା ବ୍ୟବସ୍ଥାର ସଂସ୍କାର ଲୋଡ଼ା । ଏଥି ପାଇଁ ଅର୍ଥବାଦୀ ଶିକ୍ଷା ପରିବର୍ତ୍ତେ ଜୀବନବାଦୀ ଶିକ୍ଷା ତଥା ପୂର୍ବରୁ ପ୍ରଚଳିତ ଗୁରୁ କୂଳାଶ୍ରମ ଶିକ୍ଷା ପଦ୍ଧତିର ଆବଶ୍ୟକତା ରହିଛି।

## ପର୍ଯ୍ୟଟନ ପୀଠ ନିକଟରେ ନିଶା କାରବାର ବଢୁଛି

**ଖଣ୍ଡପଡ଼ା,୪।୯(ଅଜୟ କୁମାର ମହାରଣା)**

ଜଗନ୍ନାଥ ସଂସ୍କୃତିର ଆଦି ପୀଠ ଭାବେ କଣ୍ଟିଲୋର ଶ୍ରୀ ନୀଳମାଧବ ପୀଠ ସର୍ବ ଜନବିଦିତ । ଏହି ପୀଠକୁ ବର୍ଷର ସବୁ ସମୟରେ ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକମାନଙ୍କ ଭିଡ଼ ଲାଗି ରହିଥିବା ବେଳେ ଏଠାରେ ଖୁଲମଖୁଲା ନିଶାବେପାର ଚାଲିଥିବା ସାଧାରଣରେ ଅଭିଯୋଗ ହୋଇଛି। ବିଶେଷ କରି ନୀଳମାଧବ ମନ୍ଦିର ପଶ୍ଚିମ ଦ୍ୱାର ନିକଟରେ ଦିନ ଅବା ରାତିରେ ଏବଂ କଣ୍ଟିଲୋ ନିକଟବର୍ତ୍ତୀ ନାରାୟଣୀଙ୍କ ପୀଠ ନିକଟରେ ରାତି ହେଲେ ନିଶା ବେପାରୀଙ୍କ ସହ ନିଶା ସେବନକାରୀଙ୍କ ଆଡ୍ଡା ଜମୁଛି । ଏକାଧିକବାର ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଅଚାନକ ଚଢାଉ କରାଯାଇ ଧଳା ଜହର ଓ ବିଭିନ୍ନ ନିଶା କାରବାରରେ ସଂପୃକ୍ତ ଥିବା କେତେଜଣ ଯୁବକଙ୍କୁ ଗିରଫ କରାଯାଇଛି। ଏହାଛଡା ନିଶା କାରବାରରେ ସଂପୃକ୍ତ ଥିବା ଜେତେକ ଯୁବକଙ୍କୁ ପୋଲିସ ଧରି ପରବର୍ତ୍ତୀ ସମୟରେ ଛାଡି ଦେଉଥିବାରୁ ଏନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଛି । ବିଶେଷ କରି ବୌଦ୍ଧ ଅଞ୍ଚଳରୁ ରୀତିମତ କେତେକ ବ୍ୟକ୍ତି ଗଞ୍ଜେଇ ଧରି କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳରେ ଚୋରା ବେପାର ଚଳାଇଥିବା ବେଳେ ପୋଲିସର ନଜର ସେମାନଙ୍କ ଉପରେ ପଡୁନି ବୋଲି ଅଭିଯୋଗ ହେଉଛି । ନୀଳମାଧବ ମନ୍ଦିରକୁ ଯିବା ରାସ୍ତା ପାର୍ଶ୍ୱରେ ରୀତିମତ ନିଶା ବେପାର ଚାଲୁଥିବାରୁ ସମସ୍ୟା ସୃଷ୍ଟି ହେଉଛି । ସେହି ରାସ୍ତାରେ ଯିବା ଆସିବା କରିବାକୁ ଛାତ୍ରୀଛାତ୍ର ଓ ପର୍ଯ୍ୟଟକମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ବାରମ୍ବାର ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବ୍ୟକ୍ତି ବିଶେଷ ପୋଲିସର ଦୃଷ୍ଟି ଆକର୍ଷଣ କରୁଥିଲେ କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ପୋଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା କରାଗଲେ ନିଶା କାରବାର କହିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି । ଏ ଦିଗରେ ଆବଶ୍ୟକୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କଣ୍ଟିଲୋ ଫାଣ୍ଡି ଅଧିକାରୀ ରମେଶ କୁମାର ଜେନା କହିଛନ୍ତି।

## ବ୍ୟାଙ୍କ ମିତ୍ର ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର


ବ୍ୟାଙ୍କ ମିତ୍ର ସଂଘର କର୍ମକର୍ତ୍ତାମାନେ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

**ଖଣ୍ଡପଡ଼ା,୪।୯ (ଅଜୟ କୁମାର ମହାରଣା)**

ବିଭିନ୍ନ ବର୍ଗର ଜନସାଧାରଣଙ୍କ ଆର୍ଥିକ ନେଣଦେଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରତ୍ୟେକ ପଞ୍ଚାୟତରେ ଗ୍ରାହକ ସେବା କେନ୍ଦ୍ର (ସିଏସପି) ପ୍ଲସ ବ୍ୟାଙ୍କିଙ୍ଗ ସ ଆଉଟଲେଟ ଖୋଲିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଖଣ୍ଡପଡା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଷ୍ଟେଟ ବ୍ୟାଙ୍କ ଖଣ୍ଡପଡ଼ା ଶାଖା ଦ୍ୱାରା ପରିଚାଳିତ କିଓସ୍କ ଗୁଡିକୁ ରାଜ୍ୟ ସରକାର ଘୋଷଣା କରିଥିବା ସିଏସ୍‌ପି ଯୁକ୍ତ ଯୋଜନାରେ ସାମିଲ କରିବାକୁ ବ୍ୟାଙ୍କ ମିତ୍ର ସଂଘ, କିଓସ୍କ ପରିଚାଳକମାନେ ଦାବି କରିଛନ୍ତି । ଏ ସମ୍ପର୍କୀତ ଏକ ଦାବିପତ୍ର ସୋମବାର ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରିଣୀଙ୍କୁ ପ୍ରଦାନ କରାଯାଇଛି । ପ୍ରକାଶ ଥାଉକି ଗତ ୧୦ ବର୍ଷ ଧରି ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ ପଞ୍ଚାୟତରେ ୧୯ କିଓସ୍କ ସଂସ୍ଥା ଅଞ୍ଚଳବାସୀଙ୍କୁ ବ୍ୟାଙ୍କିଙ୍ଗ ସମ୍ପର୍କୀତ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଇ ଆସୁଛନ୍ତି। ତେଣୁ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ସିଏସ୍‌ପି ଯୁକ୍ତ ଯୋଜନାରେ ସମସ୍ତ କିଓସ୍କକୁ ସାମିଲ କରିବାକୁ ଦାବି ହେଉଛି। ଏଥିପ୍ରତି ଜିଲାପାଳ ଓ ଉଚ୍ଚ ପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସତ୍ୟ


@ ଆଶିଷ


@ ସ୍ୱାରକ


@ ଦୀପ୍ତିଶଚନ୍ଦ୍ର


@ ସୁକାନ୍ତ


@ ଆଦିତ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପ୍ରଫେସର ସତ୍ୟ ନାରାୟଣଙ୍କୁ ସଂସ୍କୃତ ବାଚକ ଶିରୋମଣି ଉପାଧି

**ଖଣ୍ଡପଡ଼ା,୪।୯(ଅଜୟ କୁମାର ମହାରଣା)**

ବୈଦିକ ସଂସ୍କୃତି ଓ ସଂସ୍କୃତ ଭାଷାର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଫେସର ସତ୍ୟ ନାରାୟଣ ଆଚାର୍ଯ୍ୟଙ୍କୁ କଟକଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ‘ସଂସ୍କୃତ ବାଚକ ଶିରୋମଣି’ ଉପାଧି ପ୍ରଦାନ କରାଯାଇଛି। ବିଶ୍ୱ ସଂସ୍କୃତ ଦିବସ ପାଳନ ଅବସରରେ ସଂସ୍କୃତ ନାଟକ ଏକାଡେମୀ ଓ ସଂସ୍କୃତ ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ କଟକ ମହାନଗର ଟାଉନ ହଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବ୍ଲକ ଗଡିଆସାହି ପଞ୍ଚାୟତ ଅଧୀନ ନଟବରପୁର ଶାସନ ଗ୍ରାମର ସଂସ୍କୃତ ବିଦ୍ୱାନ ତଥା ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟର କୁଳାନୁଶାସକ ପ୍ରଫେସର ଆଚାର୍ଯ୍ୟଙ୍କୁ ସମ୍ମାନୀତ କରାଯିବା ସହ ଏକାଡେମୀ ପକ୍ଷରୁ ମାନପତ୍ର, ଉପଢୌକନ ଓ ଉତ୍ତରୀୟ ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ପ୍ରଫେସର ଆଚାର୍ଯ୍ୟ ଦୀର୍ଘ ୪୫ ବର୍ଷ ଧରି ସଂସ୍କୃତ ଭାଷାକୁ ସାର୍ବଜନୀନ କରିବା ନିମନ୍ତେ ସଂଗ୍ରାମ ଜାରିରଖି ୧୦ ସଂସ୍କୃତ ଗ୍ରନ୍ଥ ଲେଖିବା ସହ ସଂସ୍କୃତ ଭାଷା ଉପରେ ଗବେଷଣା ଜାରି ରଖିଛନ୍ତି । ନଟବରପୁର ଶାସନ ଗ୍ରାମରେ ଏକ ବେଦ ପାଠଶାଳା ସ୍ଥାପନ କରି ବ୍ରାହ୍ମଣ ପିଲାମାନଙ୍କୁ ନିଶୁଳ୍କ ଶିକ୍ଷା ପ୍ରଦାନ କରିବା ନିମନ୍ତେ ସେ ବ୍ୟବସ୍ଥା କରିଛନ୍ତି ।


ପ୍ରଫେସର ସତ୍ୟ ନାରାୟଣ ଆଚାର୍ଯ୍ୟଙ୍କୁ ସମ୍ମାନିତ କରାଯାଉଛି।

## ଘର ଦେବା ନାଁରେ ୧୬ ଲକ୍ଷ ଠକେଇ

**ବ୍ରହ୍ମପୁର,୪।୯(ସୁବାସ ଚନ୍ଦ୍ର ପାଢ଼ୀ)**

ଘର ଦେବେ ବୋଲି କହି ଜଣେ ବିଲ୍ଡର ଜଣେ ମହିଳାଙ୍କ ଠାରୁ ୧୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ନେଇ ବୈଦ୍ୟନାଥପୁର ଥାନାରେ ସେ ଅଭିଯୋଗ କରିଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ବଡବଜାର ଥାନା ଅନ୍ତର୍ଗତ ଶାର୍ଗୁଣା ସାହିରେ ରହୁଥିବା ଜ୍ୟୋସ୍ନାରାଣୀ ପାଢ଼ୀଙ୍କୁ ପୁରୀରେ ଘର କ୍ରୟ କରିବାର ଥିଲା। ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଇଞ୍ଜିନିୟରିଂ ସ୍କୁଲ ନିକଟରେ ଥିବା ଏକ ବିଲ୍ଡର ପୁରୀରେ ଘର କରିଦେବେ ବୋଲି ଜ୍ୟୋସ୍ନାରାଣୀଙ୍କୁ ସାକ୍ଷାତ କରି ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ବିଲ୍ଡର ୨୦୧୧ରୁ ୨୦୧୪ ମଧ୍ୟରେ ସମ୍ପୃକ୍ତ ମହିଳାଙ୍କ ନିକଟରୁ ପର୍ଯ୍ୟାୟକ୍ରମେ ଚେକ ମାଧ୍ୟମରେ ୧୬ଲକ୍ଷ ୭୨,୭୨୦ ଟଙ୍କା ନେଇଥିଲେ। ହେଲେ ନିର୍ଦ୍ଧାରିତ ସମୟରେ ବିଲ୍ଡର ଜଣଙ୍କ ମହିଳାଙ୍କୁ ଘର ଦେଇପାରିନଥିଲେ। ମହିଳା ଜଣଙ୍କ ବାରମ୍ବାର ଟଙ୍କା ଫେରସ୍ତ ପାଇଁ କହିବାରୁ ବିଲ୍ଡର ତାଙ୍କୁ କିଛି ଚେକ ଦେଇଥିଲେ। ତାହା ବ୍ୟାଙ୍କରେ ଜମା କରିବା ବେଳେ ବିଲ୍ଡରଙ୍କ ଆକାଉଣ୍ଟରେ ଟଙ୍କା ନ ଥିବା ଦର୍ଶାଇ ବ୍ୟାଙ୍କ ଚେକ ଗୁଡିକୁ ବାଉନ୍ସ କରିଦେଇଥିଲେ। ଟଙ୍କା ନ ପାଇ ମହିଳା ଜଣଙ୍କ ନିରାଶ ହେବା ସହ ଠକେଇର ଶିକାର ହୋଇଥିବା ଜାଣି ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି।

## ସମସ୍ତଙ୍କୁ ଅନ୍ଧାରରେ ରଖି ଚାଲିଛି ମନଇଚ୍ଛା କାମ

### ସ୍କୁଲ ପରିସରରେ ନିମ୍ନମାନର ଶୌଚାଳୟ ନିର୍ମାଣ

**ନୂଆଗାଁ,୪।୯ (ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସିଙ୍ଗାରପଲି ପଞ୍ଚାୟତ ସେନ୍ତେରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସାଧାରଣ ଜନସ୍ୱାର୍ଥ ବିଭାଜନ (ଜିପିଏଚ୍) ବିଭାଗ ପକ୍ଷରୁ ନିର୍ମାଣ ଚାଲିଥିବା ଶୌଚାଳୟ କାର୍ଯ୍ୟ ଅତି ନିମ୍ନମାନର ବୋଲି ଅଭିଯୋଗ ହେଉଛି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ସମେତ ଅନେକ ସ୍କୁଲରେ ଶୌଚାଳୟ ନିର୍ମାଣ କରାଯାଉଛି । ସ୍କୁଲର ସ୍ୱଚ୍ଛତା, ଛାତ୍ରୀଛାତ୍ର ଓ ସ୍କୁଲ କର୍ମଚାରୀମାନଙ୍କ ସୁବିଧା ଦୃଷ୍ଟିରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ସରକାର ଶୌଚାଳୟ ନିର୍ମାଣ କରୁଛନ୍ତି । ହେଲେ ଉକ୍ତ ଟଙ୍କା ପାଣିରେ ପଡିଲା ଭଳି ମନେ ହେଉଛି । ନୂଆଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବୋରୱେଲ ଓ ଶୌଚାଳୟ ନିର୍ମାଣ କାର୍ଯ୍ୟ ଶେଷ ହେବାର ଦୀର୍ଘ ବର୍ଷ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ତାହା ତାଲା ପଡି ରହୁଛି । ୧୦ ଲକ୍ଷ ଟଙ୍କା ବ୍ୟୟରେ ପ୍ରକଳ୍ପ ନିର୍ମାଣ ହୋଇଥିଲେ ମଧ୍ୟ ନିମ୍ନମାନର କାର୍ଯ୍ୟ ଯୋଗୁ ତାହା ବ୍ୟବହାର ଉପଯୋଗୀ ହୋଇ ପାରି ନାହିଁ । ସେହିପରି ନୂଆଗାଁ ହାଇସ୍କୁଲରେ ମଧ୍ୟ ସମାନ ଅବସ୍ଥା । ତେବେ ବର୍ତ୍ତମାନ ସିଙ୍ଗାରପଲି ପଞ୍ଚାୟତ ସେନ୍ତେରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସାଧାରଣ ଜନସ୍ୱାର୍ଥ ବିଭାଜନ (ଜିପିଏଚ୍) ଭୁବନେଶ୍ୱର ତରଫରୁ ଶୌଚାଳୟ ନିର୍ମାଣ କରିବା ପାଇଁ ପ୍ରାୟ ୧୦ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି । ଗତ କିଛି ଦିନ ହେଲା ଠିକାଦାର କାର୍ଯ୍ୟାରମ୍ଭ କରିଥିବା ବେଳେ ନିଜକୁ ସୁହାଇଲା ଭଳି ଅତି ନିମ୍ନମାନର କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି । ପିଲର ପାଇଁ ଅଳ୍ପ ଗାତ ଖୋଳି ଦେଇ ସେଥିରେ ୧ ଝୁଡି ବାଲି ପକାଇ ତା’ଉପରେ କେବଳ ମେଟାଲ ପକାଇ ଦେଇଥିବା ଦେଖିବାକୁ ମିଳିଛି । ପରେ ମେଟାଲ ଉପରେ ବାଲି ସିମେଣ୍ଟ ମିଶାଇ ପକାଯିବ ବୋଲି ମିସ୍ତ୍ରୀ କହୁଛନ୍ତି। ତେବେ କାମ ତଦାରଖ କରିବା ପାଇଁ ବିଭାଗୀୟ କୌଣସି ଅଧିକାରୀ କିମ୍ବା କର୍ମଚାରୀ ଆସୁ ନ ଥିବାରୁ ଠିକାଦାରଙ୍କୁ ବେଶ୍ ସୁହାଉଛି। ଆଶ୍ଚର୍ଯ୍ୟର କଥା ସ୍କୁଲ ପରିସରରେ କାର୍ଯ୍ୟ ଚାଲୁଥିଲେ ମଧ୍ୟ କିଏ କାମ କରୁଛି , କେଉଁ ବିଭାଗରୁ କେତେ ଅନୁଦାନ ଆସିଛି ଏ ବାବଦରେ ସ୍କୁଲ ଶିକ୍ଷକ , ବ୍ଲକ ଶିକ୍ଷାଧିକାରୀ କିମ୍ବା ବିଡିଓ କୌଣସି ଅଧିକାରୀଙ୍କ ପାଖରେ ଖବର ନାହିଁ । କାର୍ଯ୍ୟ ସଂକ୍ରାନ୍ତରେ ସମସ୍ତଙ୍କୁ ଅନ୍ଧାରରେ ରଖି କାମ କରାଯାଉଥିବା ଅଭିଯୋଗ ହେଉଛି । ଠିକାଦାର ଲୋକ ଲଗାଇ କାମ ଶେଷ କରିବା ପରେ ବିଲ୍ ନେଇ ଯାଉଥିବା ବେଳେ ବିଭାଗୀୟ ଅଧିକାରୀ କିମ୍ବା କର୍ମଚାରୀ ପ୍ରକଳ୍ପ ତଦାରଖ କରୁ ନାହାନ୍ତି। ଜିପିଏଚ୍ ବିଭାଗର ଏପରି କାର୍ଯ୍ୟ ବାବଦରେ ବିଭାଗୀୟ ଏସ୍‌ଡିଓ ଶ୍ରୀନିବାସ ବେହେରାଙ୍କୁ ପଚାରିବାରେ ଠିକାଦାରକୁ ପଚାରି ବୁଝିବେ ବୋଲି କହିଛନ୍ତି।


ସେନ୍ତେରୀ ସ୍କୁଲରେ ଶୌଚାଳୟ ପାଇଁ ଗାତ ଖୋଳି, ଅଳ୍ପ ବାଲି, ମେଟାଲ ପକାଯାଇଛି ।

